# ବିଚାରାଧୀନ ଶିଶୁଙ୍କୁ ମା'ଙ୍କୁ ହସ୍ତାନ୍ତରକଲେ ଉପଜିଲାପାଳ

## କାରଣ ଦର୍ଶାଅ ନୋଟିସ ଜାରିକଲା ଶିଶୁ ମଙ୍ଗଳ କମିଟି

**ଯାଜପୁରଟାଉନ,୮।୧(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଜଣେ ବିଚାରାଧୀନ ଶିଶୁଙ୍କୁ ବୁଧବାର ତାଙ୍କ ମା'ଙ୍କୁ ହସ୍ତାନ୍ତର କରିଛନ୍ତି ଯାଜପୁର ଉପଜିଲାପାଳ। ଏହାକୁ ନେଇ ଉପଜିଲାପାଳଙ୍କୁ କାରଣଦର୍ଶାଅ ନୋଟିସ ଜାରିକରିଛି ଯାଜପୁର ଜିଲା ଶିଶୁ ମଙ୍ଗଳ କମିଟି।

ସୂଚନା ମୁତାବକ, ୨୦୨୫ ଜାନୁଆରୀ ୭ରେ ଯାଜପୁର ଥାନା ପଣସା ଅଞ୍ଚଳର ଜଣେ ୧୩ମାସର ଶିଶୁପୁତ୍ରଙ୍କୁ ତାଙ୍କ ଜେଜେ ବାପା ଓ ମା' ମିଶି ବିଡ଼ି ଟଣାଇବା ସହ ଏହାକୁ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଥିଲେ। ଏହି ଭିଡିଓ ଭାଇରାଲ ପରେ ତତ୍କାଳୀନ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଶିଶୁପୁତ୍ର ସହ ତାଙ୍କ ମା' ଓ ଜେଜେ ବାପାଙ୍କୁ ଆଣି ଶିଶୁ ମଙ୍ଗଳ କମିଟିରେ ହାଜର କରାଇଥିଲେ। ଶିଶୁମଙ୍ଗଳ କମିଟି ପକ୍ଷରୁ ତଦନ୍ତ ପରେ ଶିଶୁଙ୍କୁ ବିଡ଼ି ଟଣାଇବା ଏକ ଆଇନଗତ ଅପରାଧ ଓ ତାଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଶିଶୁଙ୍କୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ କେନ୍ଦ୍ରରେ ରଖାଯାଇଥିଲା। ଶିଶୁଙ୍କ ମା' ଏସମ୍ପର୍କରେ ଉପଜିଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ଉପଜିଲାପାଳଙ୍କ କୋର୍ଟର ମିସ୍ କେସ୍ ନଂ. ୧୪୭୧/୨୦୨୫ ଅନୁସାରେ ଯାଜପୁର ଟାଉନ ପୋଲିସ ଶିଶୁଙ୍କୁ ନିଜ ହେପାଜତରେ ଛାଡ଼ିବାକୁ ଶିଶୁ ମଙ୍ଗଳ କମିଟିକୁ ବୁଧବାର ଅନୁରୋଧ କରିଥିଲେ। ଶିଶୁ ମଙ୍ଗଳ କମିଟି ଶିଶୁଙ୍କୁ ଛାଡ଼ିଥିଲେ। ହେଲେ ପୋଲିସ ଶିଶୁଙ୍କୁ ନେଇ ଆଉ ଫେରାଇ ନ ଥିଲା। ରାତିପର୍ଯ୍ୟନ୍ତ ଶିଶୁଯତ୍ନ କେନ୍ଦ୍ରକୁ ପିଲା ନ ଫେରିବାରୁ ଶିଶୁ ମଙ୍ଗଳ କମିଟି ପୋଲିସକୁ ଯୋଗାଯୋଗ କରିଥିଲା। ପିଲାଙ୍କୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ଉତ୍ତର ଦେଇଥିଲା। ଏହି ଘଟଣା ପରେ ଜିଲା ଶିଶୁ ମଙ୍ଗଳ କମିଟି ଯାଜପୁର ଥାନାଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ନେଇଥିବା ଶିଶୁପୁତ୍ରକୁ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଶିଶୁ ସୁରକ୍ଷା ୟୁନିଟ୍ ମଧ୍ୟ ଏହାର ଯାଞ୍ଚ କରି କେଉଁ ପରିସ୍ଥିତିରେ ଉପଜିଲାପାଳ ଏହି ପଦକ୍ଷେପ ନେଲେ ତାହାର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ନେଇ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ରେକ୍ସୋନା ଜେନା ଓ ତାଙ୍କ ସଦସ୍ୟ ଉପଜିଲାପାଳଙ୍କୁ ଭେଟିବାକୁ ଚେଷ୍ଟା କରିଥିଲେ ବି ସେମାନଙ୍କୁ ସୁଯୋଗ ମିଳି ନ ଥିବା ସୂଚନା ମିଳିଛି।

ଆଇନକୁ ଅମାନ୍ୟ କରି କ୍ଷମତାରୁ ଊର୍ଦ୍ଧ୍ୱରେ ରହି ବେଆଇନ ଭାବେ ଶିଶୁପୁତ୍ରକୁ ହସ୍ତାନ୍ତର କରାଯାଇଛି ବୋଲି ଶିଶୁ ମଙ୍ଗଳ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କେଉଁ ନିୟମ ବଳରେ ଉପଜିଲାପାଳ ଏପରି କାର୍ଯ୍ୟ କରିଛନ୍ତି ତାହା ସ୍ପଷ୍ଟ କରନ୍ତୁ। ଏଥିସହିତ ଯଥାଶୀଘ୍ର ଶିଶୁପୁତ୍ରଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଉ ବୋଲି ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିବା ସହ ଘଟଣା ସମ୍ପର୍କରେ ଶିଶୁ ସୁରକ୍ଷା ବିଭାଗକୁ ଅବଗତ ମଧ୍ୟ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଶିଶୁଙ୍କ ମା'ତାଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଆଇନ ଅନୁଯାୟୀ ଶିଶୁଟିକୁ ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଛି। କୋର୍ଟର ଶୁଣାଣି ସମୟରେ ଶିଶୁଙ୍କୁ ବିଡ଼ି ଟଣାଇବା ଘଟଣା ସମ୍ପର୍କରେ କିଛି ସୂଚନା ଜଣାଯାଇ ନ ଥିଲା। କୋର୍ଟର ନିୟମ ଓ ଧାରା ଅନୁଯାୟୀ କାର୍ଯ୍ୟ କରାଯାଇଛି ବୋଲି ଉପଜିଲାପାଳ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତା।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଯାଜପୁରଟାଉନ,୭।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ବର କୁମାର କର ଅଧ୍ୟକ୍ଷତା କରି ଦିବସକୁ ଶାନ୍ତିଶୃଙ୍ଖଳା, ହର୍ଷଉଲ୍ଲାସର ସହ ପାଳନ କରିବା ପାଇଁ ସମସ୍ତେ ନିଷ୍ଠାର ସହ ପ୍ରସ୍ତୁତ କରିବାକୁ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ ଜାତୀୟ ସଂହତି ଏବଂ ଏକତା ବଜାୟ ରଖି ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବାର୍ତ୍ତା ଦେଇଥିଲେ। ଆଲୋଚନା ପରେ ସର୍ବସମ୍ମତି କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ପ୍ରଶାସନିକ ଭବନ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ଅନୁଷ୍ଠିତ ହେବ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ରାମଧୂନ୍ କରାଯିବ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରି ସହ ସକାଳ ୭ଟା୩୦ ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ମୁଖ୍ୟଅତିଥିଙ୍କ ଦ୍ୱାରା ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ। ସକାଳ ୮ଟା୩୦ରେ ପ୍ରଶାସନିକ ଭବନ ପଡ଼ିଆରେ ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡ ପରିଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହେବ। ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବ। ଜେଲରେ ଅନ୍ତେବାସୀ, କୁଷ୍ଠାଶ୍ରମ ଏବଂ ବାଳାଶ୍ରମରେ ମିଷ୍ଟାନ୍ନ ବଣ୍ଟନ କରାଯିବ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ, ଉପଆରକ୍ଷୀ ଅଧୀକ୍ଷକ, ଜିଲା କ୍ରୀଡ଼ା ଅଧିକାରୀ, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ପୌର ପରିଷଦ ନିର୍ବାହୀ ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ବିଭିନ୍ନ ବିଭାଗ ଅଧିକାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଦେଇଥିଲେ।

# ମୀନକେତନ ରାଉତ ସ୍ମୃତି ସଂସଦର ବାର୍ଷିକୋତ୍ସବ

**ରସୁଲପୁର,୭।୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତର ଦ୍ୱୀପାଞ୍ଚଳ ହାଇସ୍କୁଲ ପରିସରରେ 'ମୀନକେତନ ସ୍ମୃତିସଂସଦ' ପକ୍ଷରୁ କୃଷକନେତା ତଥା ପୂର୍ବତନ ସରପଞ୍ଚ ମୀନକେତନ ରାଉତ ସ୍ମୃତିସଂସଦର ୧୧ତମ ବାର୍ଷିକୋତ୍ସବ ଓ ସ୍ମୃତି ସମ୍ମାନ ସମାରୋହ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସନାୟକ, ମୁଖ୍ୟବକ୍ତାଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି, ସର୍ବଭାରତୀୟ ବେସରକାରୀ କଲେଜ ଶିକ୍ଷକ ସଂଘ ଉପସଭାପତି ଦୁଷ୍ମନ୍ତ ନାୟକ, ପରିବେଶବିତ୍ ଗୋପୀନାଥ ପତି, ରସୁଲପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶଶିଭୂଷଣ ସାହୁ ପ୍ରମୁଖ ଯୋଗଦେଇ ମୀନକେତନ ଜଣେ ନିରଳସ, ନିଷ୍ଠାପର, କର୍ମଠ, ସଙ୍କୋଚ ମଣିଷ ଥିଲେ। ସେ ସମାଜର ଗରିବ, ଖଟିଖିଆ, କୃଷକମାନଙ୍କ ନ୍ୟାୟଦାବି ପାଇଁ ଲଢ଼େଇ କରୁଥିଲେ। ବନ୍ୟା ପ୍ରଭାବିତଙ୍କୁ ସହାୟତା କରିବା ପାଇଁ ସର୍ବଦା ଲଢ଼େଇ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସଂସଦ ପକ୍ଷରୁ ସାମାଜିକକର୍ମୀ ବିଶ୍ୱଜିତ ମହାନ୍ତି, କ୍ରୀଡ଼ାକ୍ଷେତ୍ରରେ ବାବାଜୀ ଚରଣ ସାହୁ, କଳାକାର ପୀତବାସ କର, ଆଦର୍ଶ କୃଷକ ଭାବରେ ନରେନ୍ଦ୍ର ସାହୁ, କୃତୀ ଛାତ୍ରୀ ସ୍ମୃତିରେଖା ସ୍ୱାଇଁଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା।ସଂସଦ ସମ୍ପାଦକ ପ୍ରଦୀପ ସାମଲ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ହାଇସ୍କୁଲର ପ୍ରଧାନଶିକ୍ଷକ ବିଭୂତି ଭୂଷଣ ପାଳ ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ବଦଳି ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଶିକ୍ଷକ ବଦଳି ପାଇଁ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଭିଭାବକମାନେ।

**ଯାଜପୁରଟାଉନ,୮।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଦାନଗଦୀ ବ୍ଲକ୍ ଶାଳିଜଙ୍ଗା ପଞ୍ଚାୟତ ନହୁରାଣୀପଶି ଗ୍ରାମ ପ୍ରାଥମିକ ବିଦ୍ୟାଳୟରୁ ୨ ଶିକ୍ଷକଙ୍କୁ ବଦଳି ପାଇଁ ଅଭିଭାବକ ଗୁରୁବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି।

ଏହି ବିଦ୍ୟାଳୟ ୨ ଶିକ୍ଷଙ୍କୁ ବଦଳି କରାଯାଇ ଅନ୍ୟ ଦୁଇ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେଥି ମଧ୍ୟରୁ ଶିକ୍ଷକ ବିଶ୍ୱନାଥ ରାଉତଙ୍କ ଗଳା ଫିଟୁ ନାହିଁ କି ସେ ଠିକ୍‌ରେ କଥାବାର୍ତ୍ତା କରିପାରୁନାହାନ୍ତି। ସେହିପରି ପ୍ରଧାନଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିବା ମଞ୍ଜୁଲତା ରଗଡ଼ା ପ୍ରାଥମିକ ବିଦ୍ୟାଳୟରୁ ବିତାଡ଼ିତ ହୋଇ ପ୍ରାୟ ୧ବର୍ଷ ହେବ ଘରେ ରହିଥିଲେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଣୁ ଏହି ଦୁଇ ନୂତନ ଶିକ୍ଷକଙ୍କୁ ବଦଳି କରିବା ଦାବିରେ ପ୍ରଥମେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅବିଭାବକ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କିନ୍ତୁ କିଛି ଫଳପ୍ରଦ ହୋଇ ନ ଥିଲା। ତେଣୁ ଅବିଭାବକ ବାଧ୍ୟ ହୋଇ ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଏହି ଦୁଇ ନୂତନ ଶିକ୍ଷକଙ୍କୁ ବଦଳି କରି ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଦାବିପତ୍ର ଦେଇଛନ୍ତି। ଯଦି ସମ୍ପୃକ୍ତ ୨ ଶିକ୍ଷକଙ୍କୁ ବଦଳି ନ କରାଯାଏ ତେବେ ତାଙ୍କ ପିଲାଙ୍କୁ ସେହି ବିଦ୍ୟାଳୟରୁ ନେଇ ଯିବେ ବୋଲି ଅଭିଭାବକ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ।

# ଚୋରି ଉଦ୍ୟମ କରି ଯୁବକ ଗିରଫ

**ଧର୍ମଶାଳା,୮।୧(ବଟକୃଷ୍ଣ ପରିଡ଼ା):**

ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ଗ୍ରାମର କାଳନ୍ଦୀ ଚରଣ ସାହୁଙ୍କ ମିକ୍ସର୍ ମେଶିନ୍ ଚୋରି ଉଦ୍ୟମ କରି ଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ଆସାମ ମିରିବାଲି ଅଞ୍ଚଳର ଲିଲୁ ଦାସ(୪୩)। କାଳନ୍ଦୀ ମିକ୍ସର୍ ମେଶିନ୍‌କୁ ତାଙ୍କ ଘର ପାଖରେ ରଖିଥିଲେ। ବୁଧବାର ରାତିରେ ଲିଲୁ ତାହାକୁ ନେଇ ଯିବାକୁ ଉଦ୍ୟମ କରିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏହାପରେ ଗୁରୁବାର କାଳନ୍ଦୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଏସ୍‌ଆଇ ରଞ୍ଜନ ବେହେରା ଓ ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ଇପିଏଫ୍ ପେନ୍‌ସନ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ଓଡ଼ିଶା ଇପିଏଫ୍ ପେନ୍‌ସନ୍ ସଂଘ ଯାଜପୁର ଶାଖାର ସଦସ୍ୟମାନେ।

**ଯାଜପୁରଟାଉନ,୮।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଓଡ଼ିଶା ଇପିଏଫ୍ ପେନ୍‌ସନ୍ ସଂଘ ଯାଜପୁର ଶାଖା ପକ୍ଷରୁ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସର୍ବନିମ୍ନ ୯ ହଜାର ଟଙ୍କା ପ୍ରଦାନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁସାରେ ଉଚ୍ଚ ହାରରେ ପେନସନ, ଆୟୁଷ୍ମାନ ଯୋଜନା ସ୍ୱାସ୍ଥ୍ୟ ବୀମା ଓ ମହଙ୍ଗା ଭତ୍ତା ପ୍ରଦାନ ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ଲାଏଅଲ୍ଲୀ ଖାନ୍, ସମ୍ପାଦକ ନିରଞ୍ଜନ ପରିଡ଼ା, ଉପସଭାପତି ମନୋହର ହରିଚନ୍ଦନ ସିଂହ, ପ୍ରଫୁଲ୍ଲ ଦାସ, କୁଳମଣି ସାମଲ, ଦୟାନିଧି ଷଡ଼ଙ୍ଗୀ, ବିଦ୍ୟାଧର ଜେନା, କାଳନ୍ଦୀ ପତି, କିଶୋର ସାମଲ, ଇନ୍ଦ୍ରମଣି ବିଶ୍ୱାଳ, ମହେଶ୍ୱର ସାହୁ ଓ ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଖରସ୍ରୋତା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ସିଂହପୁର,୮।୧(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ୪୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡ଼ାର ବିଭିନ୍ନ ଇଭେଣ୍ଟରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ପରିଷଦ ସମ୍ପାଦକ ଗଗନ ବିହାରୀ ବେହେରା, ଅଧ୍ୟାପକ କମଳ ସେଠୀ, ଅଧ୍ୟାପକ ଜଳଧର ସାହୁ, ଅଧ୍ୟାପକ ସନ୍ତୋଷ ମହାପାତ୍ର, ଚନ୍ଦନ ପତି, ଅଧ୍ୟାପିକା ପୁଷ୍ପଲତା ଜେନା, କ୍ରୀଡ଼ା ପ୍ରଶିକ୍ଷକ ସଞ୍ଜୀବ ଭଦ୍ର, ରାଜେଶ କୁମାର ପୃଷ୍ଟି କ୍ରୀଡ଼ାକୁ ପରିଚାଳନା କରିଥିଲେ। ବିଜେତାଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ କଲେଜର ଅଧ୍ୟକ୍ଷ ବ୍ରଜକିଶୋର ସାହୁ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ସାମାଜିକ କର୍ମୀ ସୁରେନ୍ଦ୍ର କୁମାର ମହାଳିକ, ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ ଓ ଅଧ୍ୟାପକ ଗଗନ ବିହାରୀ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ମହତ୍ତ୍ୱ ବିଷୟରେ କହିଥିଲେ।



ଖରସ୍ରୋତା ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଧାନମଣ୍ଡି ଉଦ୍‌ଘାଟିତ

**ଦଶରଥପୁର,୮।୧ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ ଅଧୀନ ପାଲଟପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ସଭାପତି ଅଶ୍ୱିନୀ ନାୟକଙ୍କ ଦ୍ୱାରା ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାଫରପୁର ସରପଞ୍ଚ ସୁରେନ୍ଦ୍ର ବେହୁରିଆ, ସମିତିସଭ୍ୟ ସୈରେନ୍ଦ୍ର ସାମଲ, ବୋଡ ସଭ୍ୟ ରାଜେଶ ବିଶ୍ୱାଳ, ଚିନ୍ମୟ ମାହୁନ୍ତ, ବିଜୟ ନାୟକ, ମନୋଜ ଧଳ, ନରେନ୍ଦ୍ର ସେଠୀ, ସଭ୍ୟ ପୀତବାସ ବେହେରା, ରଞ୍ଜିତ ମଲ୍ଲିକ ଓ ଚାଷୀ ଗଜେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ

**ବ୍ରହ୍ମବରଦା,୮।୧ (ଯଯାତି କେଶରୀ ବେହେରା):**

ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଗୁରୁବାର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ, ଟ୍ରାଫିକ ଇନ୍ସପେକ୍ଟର ଯୁଗଳ କିଶୋର ତିରିଆ, ଛତିଆ ଡ୍ରାଇଭିଂ ସ୍କୁଲର ପ୍ରଶିକ୍ଷକ ପ୍ରଦୀପ ଘଡ଼ାଇ, ବ୍ରହ୍ମବରଦା ଥାନା ଅଧିକାରୀ ଜୟନ୍ତୀ ମଲ୍ଲିକ, ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ରଶ୍ମିକାନ୍ତ ଦାଶ, ଯୁବ ରେଡ୍‌କ୍ରସର ସଂଯୋଜକ ବାବୁଲି ରଣା ଉପସ୍ଥିତ ରହିଥିଲେ। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଇବାକୁ ମନା କରାଯାଇଥିଲା। ସେହିପରି ବାଇକ୍ ଚାଳନା ସମୟରେ ହେଲମେଟ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା। ଚାରିଚକିଆ ଯାନ ଚଳାଇବାବେଳେ ସିଟବେଲ୍ଟ ଲଗାଇବା ସହ ଟ୍ରାଫିକ ନିୟମ ମାନିବା ପାଇଁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଅଧ୍ୟାପକ ସୌଭାଗ୍ୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଅମୂଲ୍ୟ ପତି, ସୂର୍ଯ୍ୟକାନ୍ତ ରାଉତ, ଶିବପ୍ରସାଦ ସାହୁ, ପରିଚାଳକ ଧର୍ମେନ୍ଦ୍ର ମହାନ୍ତି, ବିନୟ ରାଉତଙ୍କ ସହ ଅନ୍ୟ କର୍ମଚାରୀ ସଭା ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ରଶ୍ମିକାନ୍ତ ଦାଶ ଧନ୍ୟବାଦ ଦେଇଥିଲେ।



ସଡ଼କ ସୁରକ୍ଷା ପାଇଁ ଅଧିକାରୀମାନେ ଶପଥପାଠ କରୁଛନ୍ତି।

# ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ପାଇଁ ପ୍ରସ୍ତୁତି ଜୋର୍‌ଦାର

**ଚଣ୍ଡିଖୋଲ,୮।୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲାର ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରେ ଆସନ୍ତା ୧୧ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହେବ। ଆନ୍ତର୍ଜାତିକ ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏଥିପାଇଁ ରାଜ୍ୟ ପର୍ଯ୍ୟଟନ, ସଂସ୍କୃତି ଓ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଜୋର୍‌ଦାର ଆରମ୍ଭ ହୋଇଛି। ଏଠାକୁ ୨୦ ଦେଶର ବୌଦ୍ଧ ଧର୍ମାବଲମ୍ବୀ ଆସି ୬ ଦିନ ରହି ପ୍ରାର୍ଥନା କରିବା ସହିତ ହୀରକ ତ୍ରିଭୁଜ ଉଦୟଗିରି, ଲଳିତଗିରି ଓ ରତ୍ନଗିରି ପରିଦର୍ଶନରେ ଯିବେ।

୨୦୨୫ରେ ଏଠାରେ ପ୍ରଥମ ଗୁରୁ ପଦ୍ମ ସମ୍ଭବ ସମାବେଶ ଅନୁଷ୍ଠିତ ହୋଇଥିବାବେଳେ ଚଳିତ ବର୍ଷ ଏହାର ନାମ ରଖାଯାଇଛି ୨ୟ ଗୁରୁ ପଦ୍ମ ସମ୍ଭବ ସମାବେଶ। ବୌଦ୍ଧ ଧର୍ମର ପ୍ରଥମ ଗୁରୁ ପଦ୍ମ ସମ୍ଭବ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ଓ ତାଙ୍କର ଉଦୟଗିରିଠାରେ ମହାସମାଧି ନେଇ ଥିବା ନେଇ ବୌଦ୍ଧ ଗବେଷକ ପ୍ରମାଣ ଦେବା ପରେ ଦୁଇ ବର୍ଷ ହେବ ଏଠାରେ ଗୁରୁ ପଦ୍ମସମ୍ଭବ ସମାବେଶ ଅନୁଷ୍ଠିତ ହେଉଛି। ଏହି ସମାବେଶ ପାଇଁ ଉଦୟଗିରି ନିକଟସ୍ଥ ମଝିପଡ଼ା ହାଇସ୍କୁଲ ପଛପଟେ ଥିବା ବରୁଣେଇ ପଡ଼ିଆରେ ଅସ୍ଥାୟୀ ଶିବିର ତିଆରି ଚାଲିଛି। ବୌଦ୍ଧ ଧର୍ମାବଲମ୍ବୀ ସେଠାରେ ରହିବା ଖାଇବା ସହିତ ଉଦୟଗିରି ବୌଦ୍ଧ ପୀଠ ପରିସରରେ ପ୍ରାର୍ଥନା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିସହିତ ପ୍ରତ୍ୟେକ ଦିନ ସେମିନାର ଆୟୋଜନ କରାଯିବ। ସେମିନାରରେ ଲାଇଟ ଅଫ ବୁଦ୍ଧ ଫାଉଣ୍ଡେଶନ ଇଣ୍ଟରନ୍ୟାଶନାଲର ଅର୍ଗାନାଇଜର ୱାଙ୍ଗମୋ ଦିକ୍ସି, ରିଚାର୍ଡ ଦିକ୍ସି, ହେ ଜିଗ୍ମେଦ ରିଁପୋଚେ, ଖେନ୍ଦୁଲ ଗ୍ୟୁର୍ମେ ଦୋର୍ଜେ, ଖେନ୍ପୋ ଚୋଇଫେକ ନୋର୍ବୁ, ଅଭିଦନ୍ୟା ସଚିନ ସିର୍କେ, ସୁନୀଲ ପଟ୍ଟନାୟକ, ଉମାକାନ୍ତ ମିଶ୍ର, ରିତୁପୂର୍ଣ୍ଣା ଘୋଷ, ଅନିତା ସାବତ, ରାହୁଲ ରବି ରାଓ, ଐତିହାସିକ ପ୍ରବୀର ପଟ୍ଟନାୟକ ପ୍ରମୁଖ ବହୁବକ୍ତା ଯୋଗଦେଇ ଗୁରୁ ପଦ୍ମସମ୍ଭବ ଏବଂ ଓଡ଼ିଶା ଇତିହାସ ସମ୍ପର୍କରେ ଆଲୋଚନା କରିବେ। ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ନେଇ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇସାରିଥିବା ବେଳେ ପର୍ଯ୍ୟଟନ ସଚିବ ଆସି କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ପ୍ରତ୍ୟହ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟ ତଦାରଖ କରାଯାଉଛି।



ଆନ୍ତର୍ଜାତିକ ବୌଦ୍ଧ ସମ୍ମିଳନୀ ପାଇଁ ଉଦୟଗିରିଠାରେ ମଞ୍ଚ ପ୍ରସ୍ତୁତି କରାଯାଉଛି।

# ଶୀତରେ ସଢ଼ୁଛନ୍ତି ବାସହରା, ଆଶ୍ରୟସ୍ଥଳ ଫାଙ୍କା

■ପ୍ରଚାର ସହ ବ୍ୟାପକ ସଚେତନତାର ଅଭାବ

■ରାତିରେ ସ୍ୱତନ୍ତ୍ର ଅପରେଶନ ମାଧ୍ୟମରେ ଉଦ୍ଧାର କରାଯାଉ

ଜଗତ୍‌ସିଂହପୁର, ୮।୧ (ପ୍ରମୋଦ କୁମାର ନାୟକ)

ପ୍ରବଳ ଶୀତ ଯୋଗୁ ଗରିବ ବାସହରାଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବିଶେଷକରି ରାତ୍ରିଯାପନ କରିବା କଷ୍ଟକର ହୋଇପଡ଼ିଛି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ କଲ୍ୟାଣ ମଣ୍ଡପ ପରିସର (ଉପର ମହଲା)ରେ ଅସ୍ଥାୟୀ ରାତ୍ରକାଳୀନ ଆଶ୍ରୟସ୍ଥଳ କରାଯାଇଛି। ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସମସ୍ତ ସୁବିଧା କରାଯାଇ ଥିବାରୁ କେହି ରାତିରେ ଆଶ୍ରୟ ନେବାକୁ ଚାହିଁଲେ ଅସୁବିଧା ହେବନାହିଁ ବୋଲି କୁହାଯାଇଛି। କିନ୍ତୁ ଦୁଃଖର କଥା ହେଲା, ଏତେ ଶୀତ ସତ୍ତ୍ୱେ ଏହି ଅସ୍ଥାୟୀ ରାତ୍ରକାଳୀନ ଆଶ୍ରୟସ୍ଥଳରେ ବାସହରାମାନେ ରହୁନାହାନ୍ତି। ଏ ପର୍ଯ୍ୟନ୍ତ ମାତ୍ର ୨/୩ ଜଣ ରହିଥିବା ପରିଷଦ ପକ୍ଷରୁ କୁହାଯାଇଛି। ବାସ୍ତବରେ ରାତ୍ର ଆଶ୍ରୟସ୍ଥଳ କ'ଣ ଲୋକେ ଜାଣିନାହାନ୍ତି, କି ଅନ୍ୟ କିଛି କାରଣ ଯୋଗୁ ବାସହରାମାନେ ରହୁନାହାନ୍ତି ସେନେଇ ସନ୍ଦେହ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଯାହା ଜଣାପଡୁଛି ରାତ୍ର ଆଶ୍ରୟସ୍ଥଳ କ'ଣ ଲୋକେ ଜାଣିନାହାନ୍ତି। ଏ ବାବଦରେ ଡାକବାଜୀ ଯନ୍ତ୍ର ସହ ବିଭିନ୍ନ ମାଧ୍ୟମରେ ବ୍ୟାପକ ସଚେତନତାର ଆବଶ୍ୟକତା ଅଛି। ବଡ଼ କଥା ହେଲା, ଜଗତ୍‌ସିଂହପୁର ଓ ପାରାଦୀପ ସହରକୁ ପ୍ରତ୍ୟହ ବହୁ ସଂଖ୍ୟକ ଲୋକଙ୍କ ଆଗମନ ହୋଇଥାଏ। ଉଭୟ ସହରରେ ଅନେକ ନିର୍ମାଣ କାମ ଚାଲିଛି। ସେଠାରେ ବହୁ ସଂଖ୍ୟକ ଶ୍ରମିକ କାମ କରୁଛନ୍ତି। ଏହାବାଦ୍ ଜିଲାର ବିଭିନ୍ନ ପ୍ରାନ୍ତରୁ ଅନେକ ଲୋକ ନାନା କାମରେ ଜଗତ୍‌ସିଂହପୁର ଓ ପାରାଦୀପରେ ପହଞ୍ଚି ବସ୍ ଓ ଅନ୍ୟ ଯାତାୟାତ ସୁବିଧା ନ ପାଇ ଅଟକି ଯାଉଛନ୍ତି। ଯେଉଁମାନଙ୍କ ପାଖରେ ଅର୍ଥ ଅଛି ସେମାନେ ଗେଷ୍ଟ ହାଉସ ଓ ହୋଟେଲ ଆଦିରେ ରହିଯାଉଛନ୍ତି। କିନ୍ତୁ ଗରିବ ଲୋକେ ରାସ୍ତା ପାର୍ଶ୍ୱ, ବସ ଷ୍ଟପ କିମ୍ବା ଅନ୍ୟ କୌଣସି ସ୍ଥାନରେ ରାତିଟା କାଟିଦେବାକୁ ବାଧ ହେଉଛନ୍ତି। ଏବେ ଶୀତର ପ୍ରକୋପ ବଢୁଥିବାରୁ ରାସ୍ତା ପାର୍ଶ୍ୱ ତଥା ବିଭିନ୍ନ ଅସୁରକ୍ଷିତ ସ୍ଥାନରେ ରାତ୍ରିଯାପନ କରୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ରହିଛି। ତେଣୁ ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ପକ୍ଷରୁ ସହର ପରିକ୍ରମା କରାଯାଇ ସେମାନଙ୍କୁ ଉଦ୍ଧାର ପାଇଁ ବ୍ୟବସ୍ଥା ହେଲେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରେ ବୋଲି ଏହି ବ୍ୟକ୍ତିମାନେ ଦାବି ମତପ୍ରକାଶ କରିଛନ୍ତି। ଶୀତ ଯୋଗୁ ଯେପରି ଦେଶର କୌଣସି ଜଣେ ବି ବାସହରାଙ୍କ ମୃତ୍ୟୁ ନ ହୁଏ ସେନେଇ ରାଜ୍ୟଗୁଡ଼ିକୁ ଦାୟିତ୍ୱବାନ ହେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଉଲ୍ଲେଖ ଅଛି, ସ୍ଥାୟୀ ରାତ୍ରକାଳୀନ ଆଶ୍ରୟସ୍ଥଳ ହେବାରେ ବିଳମ୍ବ ହେଲେ ତୁରନ୍ତ ଅସ୍ଥାୟୀ ବ୍ୟବସ୍ଥା କରନ୍ତୁ। ଯେଉଁମାନେ ଆଶ୍ରୟସ୍ଥଳରେ ରହିବେ ସେମାନଙ୍କ ପାଇଁ ଖାଇବା, ପିଇବା ବନ୍ଦୋବସ୍ତ କରାଯିବ। ଶୀତଦାଉରୁ ରକ୍ଷା କରିବା ପାଇଁ କମଳ ବ୍ୟବସ୍ଥା ହେବ। ବିଶୁଦ୍ଧ ପାଣି, ଶୌଚ ପାଇଁ ପାଇଖାନା, ଦାନ୍ତ ଘଷିବା ପାଇଁ ବ୍ରସ୍ ଓ ପେଷ୍ଟ ଆଦି ସମସ୍ତ ସୁବିଧା କରାଯିବା ଉଚିତ।

ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ କୁହାଯାଇଛି ଅସ୍ଥାୟୀ ରାତ୍ର ଆଶ୍ରୟସ୍ଥଳରେ ମହିଳା ଓ ପୁରୁଷଙ୍କ ପାଇଁ ପୃଥକ କୋଠରି ରହିଛି। ବିଶୁଦ୍ଧ ପାନୀୟ ଜଳ ପାଇଁ ଆକ୍ୱାଗାର୍ଡ ବ୍ୟବସ୍ଥା କରାଯାଇଛି। ପୃଥକ୍ ପାଇଖାନା, ପାଖାପାଖି ୨୦ଟି ଶଯ୍ୟା, କମଳ ଓ ଅନ୍ୟାନ୍ୟ ସୁବିଧା ରହିଛି। ଲୋକେ ସଚେତନ ହୋଇ ଆସିବା ପାଇଁ ବସ୍‌ଷ୍ଟପ ଓ ଅନ୍ୟତ୍ର ହୋର୍ଡିଂ ଲଗାଯାଇଛି। ଏହାସତ୍ତ୍ୱେ ଲୋକେ ଆସୁନାହାନ୍ତି। ତଥାପି ରାତିରେ ବାସହରାମାନଙ୍କୁ ଚିହ୍ନଟ କରାଯାଇ ଉକ୍ତ ସ୍ଥାନକୁ ନିଆଯିବା ପାଇଁ ଚିନ୍ତା କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

# ୩ୟ ଦିନରେ ପହଞ୍ଚିଲା ଆନ୍ଦୋଳନ



ଧାରଣାରେ ବସିଥିବା ଗ୍ରାମବାସୀ

## ରାମ ମନ୍ଦିର ପିଣ୍ଡି ସମ୍ମୁଖରେ ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ

ଏରସମା, ୮।୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ସିହା ଗ୍ରାମର ହୁରା ପଡ଼ିଆରେ ଥିବା ରାମ ମନ୍ଦିର ପିଣ୍ଡି ସମ୍ମୁଖରେ ନିର୍ମାଣାଧୀନ ବୃହତ ବିଦ୍ୟୁତ ଟାୱାରକୁ ଗ୍ରାମବାସୀଙ୍କ ବିରୋଧ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ଗ୍ରାମବାସୀଙ୍କ ଏହା ଧାର୍ମିକ ସ୍ଥଳ ହୋଇଥିବା ବେଳେ ସେଠାରେ ଉଚ୍ଚଶକ୍ତିସମ୍ପନ୍ନ ବୃହତ ବିଦ୍ୟୁତ୍ ଟାୱାର ନିର୍ମାଣ ଚାଲିଛି। ଏନେଇ ଗ୍ରାମବାସୀ ଏହାକୁ ବିରୋଧ କରୁଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ଆନ୍ଦୋଳନରତ ନରେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି, ଦୀର୍ଘ ୧୦ ବର୍ଷ ହେଲା ରାମ ମନ୍ଦିର ନିମନ୍ତେ ରାମଙ୍କ ଫଟୋଚିତ୍ର ଲଗାଯାଇ ଏଠାରେ ପିଣ୍ଡି ନିର୍ମାଣ କରାଯାଇଛି। ପ୍ରତି ବର୍ଷ ରାମ ନବମୀରେ ସମ୍ପୃକ୍ତ ସ୍ଥାନରେ ବାର୍ଷିକ ଉତ୍ସବ ପାଳନ କରାଯାଇଆସୁଛି। ଏହି ଦୃଷ୍ଟିରୁ ନିର୍ମାଣାଧୀନ ପ୍ରକଳ୍ପକୁ ସ୍ଥାନାନ୍ତର କରାଯାଉ। ଆନ୍ଦୋଳନରେ ବିଜୟ କୁମାର ରାଉତ ଯୋଗଦେଇ କହିଥିଲେ, ଗ୍ରାମର ଶତାଧିକ ଏକର ଚାଷଜମି ରହିଛି। ଏପଟେ ହୁରା ପଡ଼ିଆ ଓ ଏହାର ପାର୍ଶ୍ୱବର୍ତ୍ତୀ ରାସ୍ତାରେ ଚାଷୀ ଟ୍ରାକ୍ଟର ନେଇ ଧାନ ଚାଷ କରିଥାନ୍ତି। ଏଥିସହ ଗ୍ରାମବାସୀ ସେଠାରେ ଗୋରୁ ଚରାଇଥାନ୍ତି । ମାତ୍ର ଏଠାରେ ବୃହତ ଟାୱାର ନିର୍ମାଣ ହେଲେ ଗ୍ରାମବାସୀ ବିପଦର ସମ୍ମୁଖୀନ ହେବେ। ଗ୍ରାମବାସୀଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିର ରଖି ଟାୱାର ସ୍ଥାନାନ୍ତର କରିବା ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ରାଉତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରୀତମ ସ୍ୱାଇଁ, ସୁବାସ ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ମଲ୍ଲିକ, ରାଜେନ୍ଦ୍ର ଖଣ୍ଡୁଆଳ, ଧ୍ରୁବ ଭୋଳ, ଜାନକୀ ମଲ୍ଲିକ, ରାଜେନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ମଲ୍ଲିକ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।

## ଯାଆଙ୍କୁ ଏସିଡ୍ ପକାଇ ମାରିବାକୁ ଉଦ୍ୟମ

# ଅଭିଯୁକ୍ତ କୋର୍ଟଚାଲାଣ



ନାଉଗାଁ, ୮।୧(ସୁଧା ବେହୁରା)

ନାଉଗାଁ ଥାନା ଜାମୁଗାଁ ପଞ୍ଚାୟତ ଅନ୍ତର୍ଗତ ନନ୍ଦି ଗ୍ରାମରେ ଯାଆଙ୍କୁ ଏସିଡ୍ ପକାଇ ମାରିବାକୁ ଉଦ୍ୟମ ହୋଇଛି। ଏନେଇ ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା (ନଂ. ୮/୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୀଡ଼ିତା ହେଲେ ଏହି ଗ୍ରାମର ବିରଞ୍ଚି ନାରାୟଣ ସେଠୀଙ୍କ ସ୍ତ୍ରୀ ବର୍ଷା । ଅଭିଯୁକ୍ତ ହେଲେ ବିନୋଦ ସେଠୀଙ୍କ ସ୍ତ୍ରୀ ଆଶା। ଅଭିଯୋଗ ଅନୁଯାୟୀ, ଦୁଇ ଭାଇ ବିରଞ୍ଚି ଓ ବିନୋଦ ୧୦ ବର୍ଷ ହେବ ଅଲଗା ରହୁଛନ୍ତି। ୨୦୨୬ ଜାନୁଆରୀ ୫ରେ କୌଣସି କାରଣରୁ ଆଶା ଅଶ୍ଳୀଳ ଭାଷାରେ ବର୍ଷାଙ୍କ ଗାଳିଗୁଲଜ କରିଥିଲେ। ବର୍ଷା ଏହାର ପ୍ରତିବାଦ କରିବାରୁ ଆଶା ହଠାତ ଏକ ପାତ୍ରରେ ଏସିଡ୍ ଆଣି ତାଙ୍କ ମୁହଁ ଉପରକୁ ପକାଇ ଦେଇଥିଲେ। ଫଳରେ ଆଶା ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିଥିଲେ। ଏହି ସମୟରେ ସ୍ୱାମୀ ବିରଞ୍ଚି ବିଲରେ କାର୍ଯ୍ୟ କରୁଥିଲେ। ପଡ଼ୋଶୀମାନେ ଡାକଶୁଣି ଘଟଣାସ୍ଥଳରେ ପହଞ୍ଚି ବର୍ଷାଙ୍କୁ ଉଦ୍ଧାର କରିବା ସହ ପ୍ରଥମେ ନାଉଗାଁ ଓ ପରେ କଟକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ଷା ସାମାନ୍ୟ ସୁସ୍ଥ ହେବା ପରେ ଗୁରୁବାର ନାଉଗାଁ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିବା ଦର୍ଶାଇଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ପ୍ରଦୀପ୍ତ କିଶୋର କାନୁନ୍‌ଗୋ ସୂଚନା ଦେଇଛନ୍ତି।

# ସଂସ୍କୃତି ମାନବ ଆତ୍ମାର ଆନ୍ତରିକ ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରେ




ଉଦ୍‌ଘାଟନ ଉତ୍ସବରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଏବଂ ଅନ୍ୟ ଅତିଥିମାନେ।

ପାରାଦୀପ,୮।୧(ଶରତ ରାଉତ)

## ସର୍ବଭାରତୀୟ ବୃହତ୍ ବନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟିତ

ପାରାଦୀପସ୍ଥିତ ଜୟଦେବ ଭବନରେ ଗୁରୁବାର ସର୍ବ ଭାରତୀୟ ବୃହତ ବନ୍ଦର ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ ହୋଇଛି। ଏହା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଚେନ୍ନାଇ, କୋଚିନ, ଦୀନଦୟାଲ, ଜବହାରଲାଲ ନେହେରୁ ବନ୍ଦର, କଲିକତା, ମୁମ୍ବାଇ, ବିଶାଖାପାଟଣା, ଭି ଓ ଚିଦାମ୍ବରମ ଏବଂ ପାରାଦୀପ ବନ୍ଦରର ୨୦୦ରୁ ଅଧିକ କଳାକାର ଭାଗ ନେଇଛନ୍ତି। ଏହି ଅବସରରେ ନୃତ୍ୟ, ସଙ୍ଗୀତ, ନାଟକ, ସାହିତ୍ୟ ଆଦି କାର୍ଯ୍ୟକ୍ରମ ପରିବେଷଣ ହେବ। ବନ୍ଦର ଅଧ୍ୟକ୍ଷ ପିଏଲ ହାରାନ୍ଧ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ମୁଖ୍ୟ ଯନ୍ତ୍ରୀ ତଥା ସାଂସ୍କୃତିକ କମିଟି ମୁଖ୍ୟ ହିମାଂଶୁ ରାଉତ, ଅର୍ଥ ପରାମର୍ଶ ଅଧିକାରୀ ଅଶୋକ କୁମାର ସାହୁ, ସିଇଏମଇ ସୁଶୀଲ ଚନ୍ଦ୍ର ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ, ସଂସ୍କୃତି ଓ କଳାତ୍ମକ ଉତ୍କର୍ଷତା ପାଇଁ ପ୍ରସିଦ୍ଧ। ଏହି ୨୫ତମ ବୃହତ୍ ବନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପାରାଦୀପ ବନ୍ଦର କରୁଥିବାରୁ ଗର୍ବ ଅନୁଭବ କରୁଛୁ। ସାଂସ୍କୃତିକ କାର୍ଯ୍ୟକ୍ରମ ମାନବ ଆତ୍ମାର ଆନ୍ତରିକ ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରେ ବୋଲି ଅଧ୍ୟକ୍ଷ ହାରାନ୍ଧ କହିଥିଲେ। ପରେ ମୁମ୍ବାଇ କଳାକାରମାନେ ପ୍ରଥମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବାଂଲାଦେଶୀ ସନ୍ଦେହରେ ଜଣେ ଅଟକ

ପାରାଦୀପ,୮।୧(ଶରତ ରାଉତ)

ପାରାଦୀପ ମେରାଇନ ପୋଲିସ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ଜଣେ ବୋଟ ମାଲିକ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବାଂଲାଦେଶର ନାଗରିକ ବୋଲି କହି ପୋଲିସ ଜିମା ଦେଇଛନ୍ତି। ଘଟଣାସ୍ଥଳରେ ଉପସ୍ଥିତ ଥିବା ଜଗତସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ତାଙ୍କ ସମ୍ପର୍କରେ ଯାଞ୍ଚ ପାଇଁ ମେରାଇନ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଏସ୍‌ପି ବର୍ମା କୁହନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ ହେବ, ଯଦି ସେ ବାଂଲାଦେଶୀ ବୋଲି ପ୍ରମାଣ ମିଳେ ସେତେବେଳେ ସରକାରଙ୍କ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପିଏମ୍‌ଶ୍ରୀ ମେଳା ପିଲାଙ୍କ ଭବିଷ୍ୟତର ମାଇଲ ଖୁଣ୍ଟ

କୁଜଙ୍ଗ /ବାଲିକୁଦା, ୮।୧ (ମନୋଜ ପ୍ରଧାନ/ ତାପସ ସ୍ୱାଇଁ)

ଏରସମା ବ୍ଲକ୍ ଅନ୍ତର୍ଗତ କୁଞ୍ଜବିହାରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂଆଗାଁ ପରିସରରେ ପିଏମ୍‌ଶ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କ୍ରୀଡ଼ାଙ୍ଗନା, କୌଶଳୀ, ଜିଜ୍ଞାସା, ସାହିତ୍ୟ, ସୃଜନଶୀଳ ଲିଖନ, ଦୋକାନ ଯାତ୍ରା ପ୍ରଭୃତି ବିଭିନ୍ନ ପ୍ରକଳ୍ପ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶନ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଏରସମା ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱମ୍ଭର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ପିଏମ୍‌ଶ୍ରୀ ମେଳା ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ଏକ ମାଇଲ ଖୁଣ୍ଟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ଲିଆକତ ଅଲ୍ଲୀ ଖାଁ, ଅବସରପ୍ରାପ୍ତ ସହକାରୀ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ, ସ୍ଥାନୀୟ ସରପଞ୍ଚ ସୁଚିତ୍ରା ମନ୍ତ୍ରୀ, ବିଶ୍ୱନାଥ ରାଉତ, ପରିଚାଳନା କମିଟି ସଭାନେତ୍ରୀ ନିର୍ମଳା ନାୟକ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ବଂଶୀଧର ମନ୍ତ୍ରୀ, ଅବସରପ୍ରାପ୍ତ ଶିକ୍ଷକ କେଦାର ନାଥ ସେଠୀ ପ୍ରମୁଖ ଯୋଗଦେଇଥିଲେ।

ସେହିପରି ବାଲିକୁଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ପ୍ରଥମାର୍ଦ୍ଧରେ ମୁଖ୍ୟ ଅତିଥି ଭାବେ ଏଡିଇଓ ରାଜ୍ୟଶ୍ରୀ ସାହୁ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ସରପଞ୍ଚ ରାଜକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ପର୍ଯ୍ୟବେକ୍ଷକ ଶାରଦା ପ୍ରସାଦ ସାହୁ, ପଞ୍ଚସଖା ଶିକ୍ଷାସେତୁ କମିଟିର ସଭାପତି ରମାକାନ୍ତ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜାଭିର ଖାଁ ଯୋଗଦେଇ ଯୋଜନାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବିଇଓ ବିଶ୍ୱମ୍ଭର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଶାନ୍ତ ସାମଲ ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ପ୍ରସନ୍ନ ସାହୁ ଅତିଥି ପରିଚୟ ଓ ରଶ୍ମିରେଖା ମିଶ୍ର ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଡିଓ ସାଗର ନନ୍ଦ, ମୁଖ୍ୟବକ୍ତା ଭାବେ ସରପଞ୍ଚ ସାହୁ, ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ା, ରମାକାନ୍ତ ବାରିକ, ଜାଭିର ଖାଁ ଯୋଗଦେଇଥିଲେ।

# ନିଶା କବଳରୁ ଯୁବ ସମାଜକୁ ବଞ୍ଚାଇବା ଜରୁରୀ

ରଘୁନାଥପୁର, ୮।୧ (ରାଜେନ୍ଦ୍ର ନାରାୟଣ ସିଂହ)

ନିଶା କବଳରେ ପଡ଼ିଥିବା ଯୁବ ସମାଜକୁ ବଞ୍ଚାଇବା ଏବେ ଜରୁରୀ ହୋଇପଡ଼ିଛି। ରଘୁନାଥପୁର ବ୍ଲକ ରେଢ଼ୁଆସ୍ଥିତ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବିକାଶ ପରିଷଦ ରେଢୁଆ ଓ ସହଯୋଗ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ସଞ୍ଜୀବ ବେହେରାଙ୍କ ପରାମର୍ଶକ୍ରମେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପୂର୍ବତନ ଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଦେବୀ ପ୍ରସାଦ ମହାରଣା ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ଫଟୋରେ ଖଦି ସୂତ୍ର ମାଲ୍ୟାର୍ପଣ ପୂର୍ବକ ସଭା ଆରମ୍ଭ ହୋଇଥିଲା। ବିଶିଷ୍ଟ ଗାନ୍ଧୀବାଦୀ ନେତା ତଥା ସାମାଜିକ କର୍ମୀ ଭକ୍ତ ବତ୍ସଳ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଶାର ଭୟାବହତା ଓ ଗାଁ ଗଣ୍ଡାରେ ଏଥିପ୍ରତି ଆସକ୍ତ ହୋଇପଡ଼ିଥିବା ଯୁବପିଢ଼ିଙ୍କୁ ଉଦ୍ଧାର ନିମନ୍ତେ ଟ୍ରଷ୍ଟ କାର୍ଯ୍ୟ କରୁ ବୋଲି ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା, ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ, ଭୁବନେଶ୍ୱରସ୍ଥିତ ଆଇଆଇଟି ପ୍ରାଧ୍ୟାପକ ତାରାକାନ୍ତ ନାୟକ, ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ସର୍ବୋଦୟ ପାକ୍ଷିକ ପତ୍ରିକାର ପରିଚାଳିକା ଇନ୍ଦୁମତି ସାହୁ, ତାଙ୍କ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ଓ ସ୍ଥାନୀୟ ସମିତି ସଭ୍ୟ ବିଶ୍ୱଜିତ ଦାଶ ଓ ରେଢୁଆ କଲେଜର ପୂର୍ବତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ହୋଇ ସାମାଜିକ କ୍ଷେତ୍ରରେ ସଙ୍ଗଠନର ଭୂମିକା ତଥା ନିଶା କବଳରୁ ଯୁବ ସମାଜକୁ ବଞ୍ଚାଇବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମଦମୁକ୍ତ ଓଡ଼ିଶା ଗଠନରେ ଆମର ଭୂମିକା ଶୀର୍ଷକକୁ ନେଇ ଆଲୋଚନା ହୋଇଥିଲା। ପ୍ରଥମେ ଆମ ଅଞ୍ଚଳରୁ ଚୋରାମଦ ବେପାର ବନ୍ଦ କରିବା ସହ ଏକ ସୁସ୍ଥ ଓ ସନ୍ତୁଳିତ ସମାଜ ଗଠନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇ ଟ୍ରଷ୍ଟ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ସାମାଜିକ କର୍ମୀ ସ୍ନେହାଂଶୁ ଜେନା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ଟ୍ରଷ୍ଟର ସମ୍ପାଦକ ଏସ୍. ଚନ୍ଦନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଗାନ୍ଧିବାଦୀ ନେତା ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶୁଭାଶିଷ ସ୍ୱାଇଁ, ଆଶୁତୋଷ ସାହୁ, ଅମ୍ବିକା ମହାରଣା, ପ୍ରାଣକୃଷ୍ଣ ନାୟକ, ସୁରେନ ରାଉତ, ଶୁଭ୍ରାଂଶୁ ଆଚାର୍ଯ୍ୟ, ବନମାଳୀ ମହାରଣା, ରାଜକିଶୋର ସାହୁ, ବିଜନ ମହାପାତ୍ର, ସନ୍ତୋଷ ସାହୁ, ଉମେଶ ନାୟକ, ନିରଞ୍ଜନ ବାରିକ ଓ କୈଳାସ ସ୍ୱାଇଁ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

# ସମ୍ପର୍କର ଡୋରି ବନ୍ଧୁତ୍ୱର ନିବିଡ଼ତାକୁ ଅତୁଟ ରଖେ

## ମଧୁସୂଦନପୁର ହାଇସ୍କୁଲ ୧୯୯୯ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁମିଳନ ଉତ୍ସବରେ ମସଗୁଲ ୯୯ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରମାନେ।

ରଘୁନାଥପୁର,୮।୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ମଧୁସୂଦନପୁର ହାଇସ୍କୁଲର ୧୯୯୯ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ନିକଟସ୍ଥ ଶିଲୋ ବ୍ରହ୍ମପୁର ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ସହପାଠୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଉତ୍ସବକୁ ପୁରାତନ ଛାତ୍ର ସଞ୍ଜୀବ ସ୍ୱାଇଁ ପରିଚାଳନା କରି ବନ୍ଧୁତ୍ୱର ନିଦର୍ଶନ ତଥା ବିପଦ ବେଳର ବନ୍ଧୁ ପ୍ରକୃତ ବନ୍ଧୁ ବୋଲି ପ୍ରକାଶ କରିଥିଲେ। ସେହିପରି ସହପାଠିନୀ ସୁଜାତା ନାୟକ ଭାବର ଆଦାନ ପ୍ରଦାନ କରି ସମ୍ପର୍କର ଡୋରି ବନ୍ଧୁତ୍ୱର ନିବିଡ଼ତାକୁ ଅତୁଟ ରଖେ ବୋଲି ପ୍ରକାଶ କରିଥିଲେ। ନାରାୟଣ ସାହୁ, ପ୍ରମୋଦ କୁମାର ବାରିକ, ପ୍ରକାଶ ଦାଶ, ଚୈତନ୍ୟ ସାହୁ, ଆଶିଷ କୁମାର ଦାସ, ହେନାରାଣୀ ନାୟକ, ଦୀପ୍ତି ମଲ୍ଲିକ, ମମତା ସାହୁ, କୁଳମଣି ଦାସ, ସୁରେଶ ଦାସ, ଦିଲୀପ ନାୟକ, ରାଜୀବ ଗୁଇଁ, ଅମୂଲ୍ୟ ଜେନା, ସୁରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ପୁରୁଣା ସ୍ମୃତି ସାଉଁଟିବା ସହ ଶେଷଜୀବନ ପର୍ଯ୍ୟନ୍ତ ଏହି ଉତ୍ସବ ଅତୁଟ ରହିବ ବୋଲି ଶପଥ ନେଇଥିଲେ।

# ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

ଜଗତ୍‌ସିଂହପୁର, ୮।୧ (ପ୍ରମୋଦ କୁମାର ନାୟକ)

ନାଲିବର ଉଚ୍ଚ ବିଦ୍ୟାଳୟ ପୁରାତନ ବିଦ୍ୟାର୍ଥୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ବ୍ରାହ୍ମଣବାଡ଼ି ମା'ପାର୍ବତୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ଏହି ବନ୍ଧୁମିଳନର ପ୍ରାରମ୍ଭରେ ଦିବଂଗତ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ସେମାନଙ୍କ ସ୍ମୃତିଚାରଣ କରାଯାଇଥିଲା। ପରେ ପୁରାତନ ଛାତ୍ରୀଛାତ୍ରମାନେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଅତୀତର ସ୍ମୃତି ଓ ଅନୁଭୂତିକୁ ବଖାଣି ପରସ୍ପର ମଧ୍ୟରେ ସମ୍ପର୍କ ପୁନଃଜାଗରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବନ୍ଧୁମିଳନରେ ବିନିତା ମହାନ୍ତି, ସସ୍ମିତା ମିଶ୍ର, ଗୀତାଞ୍ଜଳି ସ୍ୱାଇଁ, ଶ୍ୟାମସୁନ୍ଦର ବେହେରା, ଭଞ୍ଜକିଶୋର ମନୋହାରୀ, ଟୁକୁନ କୁମାର ରାଉତ, ମୁକ୍ତାର ସାହା, ଅଶୋକ ସାହୁ, ସରୋଜ ବିଶ୍ୱାଳ, ବିଜୟ ଆଚାର୍ଯ୍ୟ, ନିମାଇଁ ନାୟକ, ରବୀନ୍ଦ୍ର ନାୟକ, ସୁରେନ୍ଦ୍ର ଦାସ, ଆବୁଜାହେର ସାହା, ଶରତ ପାତ୍ର, ସୁକଦେବ ସାମଲ, ଅର୍ଜୁନ ସ୍ୱାଇଁ, ଗଗନ ମହାନ୍ତି ଓ ଅରୁଣ ଆଚାର୍ଯ୍ୟଙ୍କ ସମେତ ଅନେକ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ବନ୍ଧୁ ମିଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

# ଦୂରହେବ ଚାଷୀଙ୍କ ସମସ୍ୟା: ଜମିକୁ ସଂଯୋଗୀକରଣ ସେତୁ ଶିଳାନ୍ୟାସ

କୁଜଙ୍ଗ, ୮।୧(ମନୋଜ ପ୍ରଧାନ)



ନିଷ୍କାସନ ପଥ ଉପରେ ସେତୁ ନିର୍ମାଣ ନିମନ୍ତେ ପୂଜାର୍ଚ୍ଚନା କରାଯାଉଛି।

କୁଜଙ୍ଗ ବ୍ଲକ ଅନ୍ତର୍ଗତ ନବାଡ଼ିଆ(ବାଗୋଇ) ପରମାନନ୍ଦପୁର ୧୦ କିମି ବ୍ୟାପି ଜଳ ନିଷ୍କାସନ ପଥ ଉପରେ ଯଥାକ୍ରମେ ବାଗୋଇ ପଞ୍ଚାୟତର ଚରଦିଆ ଓ ମହ୍ଲାସାହିଠାରେ ୨ ଓ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ପାଇକ ସାହିର ପୁରୁଣା ବୃଦ୍ଧା ନିଷ୍କାସନ ପଥ ଉପରେ ଗୋଟିଏ ସେତୁ ନିର୍ମାଣ ନିମନ୍ତେ ଗୁରୁବାର ଜଗତ୍‌ସିଂହପୁର ନିଷ୍କାସନ ବିଭାଗ ପକ୍ଷରୁ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହ୍ଲାସାହିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନିଷ୍କାସନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ନକୁଳ ଚରଣ ଗୋଛାୟତ ଆବାହକତ୍ୱ କରିଥିଲେ। ପୂଜା କରାଯିବା ପରେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କୁଜଙ୍ଗ ବ୍ଲକ ପ୍ରତିନିଧି ଦିଲୀପ ବେହେରା, ଭାଜପା ଜିଲା ଉପସଭାପତି ତପନ କୁମାର ତ୍ରିପାଠୀ, ମହ୍ଲାସାହି ସରପଞ୍ଚ ଧ୍ରୁବଚରଣ ନାୟକ ଓ କୁଜଙ୍ଗ ମଣ୍ଡଳ ଭାଜପା ଯୁବମୋର୍ଚ୍ଚା ସଭାପତି ଅମିତ ପ୍ରଧାନ ଓ ନିର୍ମାଣକାରୀ ସଂସ୍ଥା ମୁଖ୍ୟ ସଂଗ୍ରାମ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଶ୍ମି ରେଖା ଦାସ ଏହାକୁ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ୧୦ କିମି ବ୍ୟାପି ନବାଡ଼ିଆ ପରମାନନ୍ଦପୁର ନିଷ୍କାସନ ପଥ ଅଗପାଳ, ମହ୍ଲାସାହି, ବାଗୋଇ ଓ କୁଜଙ୍ଗ ପଞ୍ଚାୟତ ଚାଷ ଜମିର ମଧ୍ୟ ସ୍ଥଳ ଦେଇ ଅତିକ୍ରମ କରିଛି। ଫଳରେ ଚାଷୀମାନେ ଚାଷ ଜମିକୁ ଯିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷ ଜମିକୁ ଟ୍ରାକ୍ଟରଟିଏ ଯିବାକୁ ହେଲେ ଦୀର୍ଘ ବାଟ ବୁଲି ବୁଲି ଯିବାକୁ ପଡୁଛି। ଧାନ, ମୁଗ ଆଦି ଫସଲକୁ ନିଷ୍କାସନ ପଥ ଭିତରେ ପଶି ମୁଣ୍ଡେଇ କି ଆଣିବାକୁ ପଡୁଛି। ବିଶେଷ କରି ବର୍ଷାଦିନେ ଚାଷୀମାନେ ପାଣି ପ୍ରବାହିତ ହେଉଥିବା ନିଷ୍କାସନ ପଥରେ ପଶି ଉଭୟ ପାର୍ଶ୍ୱ ଚାଷ ଜମିକୁ ଯିବାକୁ ବାଧ ହୁଅନ୍ତି। ନିଷ୍କାସନ ପଥ ଉପରେ ଯାତାୟତ ଉପଯୋଗୀ ସେତୁ ନିର୍ମାଣ ନିମନ୍ତେ ଦୀର୍ଘ ବର୍ଷ ହେବ ଚାଷୀମାନେ ଦାବି କରି ଆସୁଥିଲେ। ସେମାନଙ୍କ ସମସ୍ୟାକୁ ଅନୁଭବ କରି ସ୍ଥାନୀୟ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏବେ ୩ ସ୍ଥାନରେ ସେତୁ ନିର୍ମାଣ ନିମନ୍ତେ ନିଷ୍କାସନ ବିଭାଗ ପକ୍ଷରୁ ବ୍ୟୟ ଅଟକଳ କରାଯାଇ ଟେଣ୍ଡର ପ୍ରକ୍ରିୟା ଶେଷ କରାଯିବା ପରେ ଶିଳାନ୍ୟାସ କରାଯାଇଛି। ଉକ୍ତ ୩ସେତୁ ପାଇଁ ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ଜଣାପଡ଼ିଛି। ଏହି ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀ ବଲ୍ଲଭ ଚରଣ ପାଣି, ସୁଦର୍ଶନ ମୁଦୁଲି, ଶତ୍ରୁଘ୍ନ ମଲ୍ଲ, ରମେଶ ଚନ୍ଦ୍ର ସେଠୀ ଓ ନିର୍ଭୟ ବିଶାଳ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସେତୁ ନିର୍ମାଣ ଦ୍ୱାରା ଚାରି ପଞ୍ଚାୟତର ବହୁ ହଜାର ହଜାର ଚାଷୀ ଉପକୃତ ହେବେ ବୋଲି ଯୁବ ନେତା ବିକ୍ରମ ରାଉତରାୟ କହିଛନ୍ତି।

## ଟ୍ରେନ୍ ଲାଇନରେ ଅଚିହ୍ନା ମହିଳାଙ୍କ ମୃତଦେହ

ରମ୍ଭା,(ବନବାସୀ ସେଠୀ): ରମ୍ଭା ମିଞ୍ଜିନି ପାଟଣା ଦକ୍ଷିଣ ପୂର୍ବ କେବିନ ପାର୍ଶ୍ୱ ଟ୍ରେନ୍ ଲାଇନରେ ଏକ ମହିଳାଙ୍କ ମୃତଦେହ ପଡ଼ି ରହିଥିବା ଦେଖିବାକୁ ମିଳିଛି। କୌଣସି କରଣରୁ ଚଳନ୍ତା ଗାଡ଼ି ଚଢ଼ି ଖଣ୍ଡ ବିଖଣ୍ଡିତ ଅବସ୍ଥାରେ ଟ୍ରେନ୍ ଲାଇନରେ ବିଭିନ୍ନ ଲୁଗା ଗୁଡ଼ାଇ ହୋଇ ପଡ଼ି ରହିଛି। ସମ୍ପୃକ୍ତ ମହିଳା ଜଣଙ୍କ ପରିଚୟ ମିଳିପାରିନାହିଁ।

### ସଂକ୍ଷେପରେ

## ଘାଟିରେ ଓଲଟିଲା ତେଲ ବୋଝେଇ ପିକ୍‌ଅପ୍ ଭ୍ୟାନ୍

ମୋହନା, ୮।୧(ମନ୍ମଥ ମିଶ୍ର)- ଗଜପତି ଜିଲା ଅଡବା ଥାନା ଅନ୍ତର୍ଗତ ଖାରୀଗୁଡ଼ା ଗାଁ ନିକଟସ୍ଥ ଭୀମଦଳି ଘାଟିରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ତେଲ ବୋଝେଇ କରି କେନ୍ଦୁଝର ଜିଲାରୁ କୋରାପୁଟ ଅଭିମୁଖେ ଯାଉଥିବା ଏହି ପିକ୍‌ଅପ୍ ଭ୍ୟାନ (ଓଡ଼ିଶା ଏୟୁ-୩୨୮୬)ଭୀମଦଳି ଘାଟି ଉଠିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଭ୍ୟାନ୍ ଚାଳକ ସୁରକ୍ଷିତ ଅଛନ୍ତି। ଖବରପାଇ ଘଟଣା ସ୍ଥଳରେ ଅଡ଼ବା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପୋଖରୀରେ ବୁଡ଼ି ଚାଷୀ ମୃତ

ଦିଗପହଣ୍ଡି,୮।୧(ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ୍ ଦସେଇପୁର ଗ୍ରାମର ଜଣେ ଚାଷୀ ଗ୍ରାମ ନିକଟ ଏକ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ସେ ହେଲେ ବଳରାମ ଦଣ୍ଡିଆ (୫୨)। ବଳରାମ ଗୁରୁବାର ସକାଳେ ଗାଁ ନିକଟ ଚାଷଜମିକୁ କାମ ପାଇଁ ଯାଇଥିଲେ। ଫେରିବା ପରେ ପୋଖରୀରେ ଗାଧୋଇବାକୁ ଯାଇଥିଲେ। ଅସାବଧାନତା କାରଣରୁ ସେ ପୋଖରୀର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ବଳରାମ ଘରକୁ ମଧ୍ୟାହ୍ନରେ ଖାଇବାକୁ ନ ଆସିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ସନ୍ଧ୍ୟାରେ ଚାଷଜମିକୁ ଯାଇଥିଲେ। ସେଠାରେ ତାଙ୍କୁ ନପାଇ ଖୋଜାଖୋଜି କରିବା ବେଳେ ସେ ପୋଖରୀରେ ଭାସୁଥିବା ଦେଖିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା

ପାରଳାଖେମୁଣ୍ଡି,୮।୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ପାରଳାଖେମୁଣ୍ଡିଠାରେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହାକୁ ଭାରପ୍ରାପ୍ତ ଜିଲାପାଳ ମୁନୀନ୍ଦ୍ର ହୋନନାଗା ଏବଂ ଏସ୍‌ପି ଯତୀନ୍ଦ୍ର ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୁପତି ଉପସ୍ଥିତ ଥିଲେ। ଏହି ପଦଯାତ୍ରା ନଗର ପରିକ୍ରମା କରି ଜନ ସାଧାରଣଙ୍କୁ ସଡ଼କ ସୁରକ୍ଷା ଲାଗି ସଚେତନ କରିଥିଲା। ଗାଡ଼ି ଚଳାଇବା ବେଳେ ହେଲମେଟ ବ୍ୟବହାର କରିବା, ଦ୍ରୁତ ବେଗରେ ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ପାଳନ କରିବା, ଚାରିଚକିଆ ଗାଡ଼ିରେ ସିଟ୍‌ବେଲ୍ଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥା ନ ହେବା ନେଇ ସଚେତନ କରାଯାଇଥିଲା । ଏହାକୁ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରସନ୍ନ ଦାସ ପରିଚାଳନା କରିଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

ବାଲିପଦର,୮।୧(ବିଶିକେଶନ ସ୍ୱାଇଁ)

ବାଲିପଦର ମହୋତ୍ସବ କମିଟିତଥା ବାଲିପଦର ବଣିକ ସଂଘ ସଭାପତିଙ୍କ ମା' ଶଶିକଳା ନାୟକ(୮୨)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ଜଣେ ମେଳାପି, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁବେଳକୁ ପୁଅ ଇଂ. ଲକ୍ଷ୍ମୀ ପ୍ରସାଦ, ବୋହୁ ସଂଘମିତ୍ରା, ୩ ଝିଅ ରତ୍ନମଞ୍ଜରୀ, ବାପି, ମମତା, ନାତି ଆଜାଦ୍, ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ।

# ଜନବସତିକୁ ମାଡ଼ି ଆସୁଛନ୍ତି ହାତୀପଲ, ଚିନ୍ତାରେ ଚାଷୀ

ଦିଗପହଣ୍ଡି,୮।୧(ଅଶେଷ ନାଥ ମିଶ୍ର):



ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ।

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଆମ୍ବଗାଁ, ନୂଆଗଡ, ପଳାସପୁର ଆଦି ଗ୍ରାମଗୁଡ଼ିକରେ ପ୍ରାୟ ୧ ମାସ ହେଲା ହାତୀ ଉପଦ୍ରବ ଜାରି ରହିଛି। ଦିଗପହଣ୍ଡି ବନାଞ୍ଚଳ ପାଟପୁର ସେକ୍ସନ ରତନେଇ ଜଙ୍ଗଲ ଅଧିନ ଶୁଳିଆ ପାହାଡ଼ରେ ଦୀର୍ଘବର୍ଷ ଧରି ରହୁଥିବା ୪ଟିକିଆ ହାତୀପଲ ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ଜନବସତି ଆଡ଼କୁ ମାଡ଼ି ଆସୁଛନ୍ତି। ସେମାନେ ବ୍ୟାପକ ଧାନ, ମାଣ୍ଡିଆ, ପନିପରିବା ଫସଲ ନଷ୍ଟ କରୁଛନ୍ତି। ବୁଧବାର ରାତିରେ ହାତୀପଲ ଆମ୍ବଗାଁ ସଂଲଗ୍ନ ଘୋଡ଼ାହାଡ଼ ନଦୀକୁ ପାଣି ପିଇବାକୁ ଆସି ଗ୍ରାମର ଦଣ୍ଡାସି ବେହେରାଙ୍କ ପ୍ରାୟ ୧୨ ବସ୍ତା ଧାନ ଖାଇ ଦେଇଛନ୍ତି। ସେହିପରି ରୁନା ବେହେରାଙ୍କ ନଡ଼ିଆ ଗଛ ଓ କଦଳୀ ଗଛ ଖାଇ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଦିଗପହଣ୍ଡି ଭାରପ୍ରାପ୍ତ ରେଞ୍ଜର ସନ୍ତୋଷ କୁମାର ବିଷୋୟୀ ରତ୍ନଙ୍କୁ ପଚାରିବାରୁ ହାତୀ ଚଳପ୍ରଚଳ ନେଇ ସୂଚନା ମିଳିବା ପରେ ବନବିଭାଗ ପକ୍ଷରୁ ବିଭିନ୍ନ ଗାଁରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ବୋଲି କହିଛନ୍ତି। ସକାଳେ କିମ୍ବା ସନ୍ଧ୍ୟାରେ ଜଙ୍ଗଲ ନିକଟକୁ ଯାଆନ୍ତୁ ନାହିଁ ବୋଲି ବନ କର୍ମଚାରୀଙ୍କ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ ସୂଚନା ଦିଆଯିବା ସହ ସଚେତନ କରାଯାଉଥିବା କହିଛନ୍ତି। ପାଟପୁର ସେକ୍ସନ ଫରେଷ୍ଟର ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ବନ ବିଭାଗର ହାତୀ ସ୍କ୍ୱାର୍ଡ, ୮ ତାଲିମ ପ୍ରାପ୍ତ ହାତୀ ଟ୍ରାକରଙ୍କ ସମେତ ପାଟପୁର ଓ ଦିଗପହଣ୍ଡି ବନ କର୍ମଚାରୀମାନଙ୍କ ପକ୍ଷରୁ ଜଙ୍ଗଲ ମଧ୍ୟକୁ ଯାଇ ହାତୀ ଘଉଡାଇବା ପାଇଁ ରାତ୍ରୀକାଳୀନ ପାଟ୍ରୋଲିଂ କରାଯାଉଛି ବୋଲି କହିଛନ୍ତି। ଗୁରୁବାର ସକାଳେ ସେ ଏବଂ ଫରେଷ୍ଟ ଗାର୍ଡ ସାରଥି କାର୍ଜି, ପାରା ବନ କର୍ମଚାରୀ ସୁଶିଲ କୁମାର ପଣ୍ଡା ଆମ୍ବଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ହାତୀପଲ ଦିଗପହଣ୍ଡି ବନ ବିଭାଗ ପାଟପୁର ସେକ୍ସନ ରତନେଇ ଜଙ୍ଗଲରେ ଥିବା ଜଣାପଡିଛି। ବିଦ୍ୟୁତ ବିଭାଗ ଏବଂ ବନ ବିଭାଗ ପକ୍ଷରୁ ମିଳିତ ଭାବେ ପାଟ୍ରୋଲିଂ କରାଯାଉଛି। ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳ ପ୍ରତି ବିଭାଗ ସ୍ୱତନ୍ତ୍ର ନଜର ରଖିବା ସହ ପ୍ରତିଦିନ ନିଜେ ମନିଟରିଂ କରୁଥିବା ଫରେଷ୍ଟର କହିଛନ୍ତି। ହାତୀ ଫସଲ କ୍ଷତି କଲେ ସମ୍ପୃକ୍ତ ଚାଷୀ ଅନୁକମ୍ପା ଆପ ଜରିଆରେ ଆବେଦନ କରିବେ। ଏହାପରେ ତଦନ୍ତ କରାଯାଇ ସେମାନଙ୍କୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ। ପୂର୍ବରୁ ମଧ୍ୟ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନୁକମ୍ପା ମୂଳକ କ୍ଷତିପୂରଣ ଦିଆଯାଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୫ ତାରିଖ ରାତିରେ ସାନଖେମୁଣ୍ଡି ବ୍ଲକ ନୂଆଗଡ , ପଳାସପୁର, ଲୁଣିନାଠି, ଇନ୍ଦିରା ଆବାସ କଲୋନୀ ଗ୍ରାମ ସଂଲଗ୍ନ ଚାଷଜମି ଗୁଡିକରେ ହାତୀପଲ ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲେ। ଅନ୍ୟପକ୍ଷରେ ୨୦୨୫ ଜାନୁଆରୀ ୨ ଓ ୩୦ ତାରିଖରେ ସାନଖେମୁଣ୍ଡି ବ୍ଲକ ଗଙ୍ଗାପୁର ପଞ୍ଚାୟତ ଦ୍ୱିତୀୟ ଢେପାଗୁଡ଼ା ଓ ଭୀମନଗର ଗ୍ରାମ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୃଥକ ଭାବେ ୨ଟି ମାଈ ହାତୀଙ୍କ ମୃତ୍ୟୁ ହୋଇଥିଲା।

## ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ

### ସହରାଞ୍ଚଳରେ ତୁଷାରପାତ



ଜି.ଉଦୟଗିରିରେ ପାଳ ଉପରେ ପଡ଼ିଥିବା ତୁଷାରପାତ।

ଜି.ଉଦୟଗିରି,୮।୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ):

କନ୍ଧମାଳ ଜିଲା ଜି.ଉଦୟଗିରି ସହର ହାଡ଼ଭଙ୍ଗା ଶୀତରେ ଥରୁଛି। ଜିଲାର ଦାରିଙ୍ଗବାଡ଼ି, ଫୁଲବାଣୀ ଠାରୁ ମଧ ଏହା ଅଧିକ ଶୀତ ଅନୁଭୂତ ଅଞ୍ଚଳ ଭାବେ ପରିଚିତ ହୋଇଛି।

ରାଜ୍ୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଗୁରୁବାର ଜି.ଉଦୟଗିରି ସହରର ତାପମାତ୍ରା ୨.୫ ଡିଗ୍ରୀ ରହିଥିବା ବେଳେ ଫୁଲବାଣୀ ୫ ଡିଗ୍ରୀ ଓ ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ ରେକର୍ଡ ହୋଇଛି। ଜି. ଉଦୟଗିରି ସହରର ମଧ୍ୟବର୍ତ୍ତୀ ଅଞ୍ଚଳର ଏକ ସାହିଠାରେ ତୁଷାରପାତ ହୋଇଥିବା ଜଣାପଡ଼ିଛି। ସହରଠାରୁ କିଛି ଦୂର ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟତଃ ୨ ଡିଗ୍ରୀ ରହୁଥିବା ଅଞ୍ଚଳବାସୀଙ୍କ ଦାବି ରହିଛି । ବୁଧବାର ତାପମାତ୍ରା ୩ ଡିଗ୍ରୀ ରହିଥିଲା। ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ଯୋଗୁ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଘାଟି ରାସ୍ତାଗୁଡିକରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି। ଏପଟେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ସିଁକି ଡ୍ୟାମ, କାକଲବାକି ଜଳ ପ୍ରପାତ, କଳିନାଯୁ ଡ୍ୟାମ, ମଧୁଝରି ଘାଇ, କଳିଙ୍ଗା ବଟାନିକାଲ ଗାର୍ଡେନ, କଳିଙ୍ଗା ଘାଟି, କାଳିଗାଡୁ ହିଲଟପ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏଥିସହ କଫି ବଗିଚା ମଧ ମନ ମୋହୁଛି। ଅଞ୍ଚଳବାସୀଙ୍କ ଦାବିକୁ ଗୁରୁତ୍ୱ ଦେଇ ପ୍ରଥମ ଥର ପାଇଁ ଶୀତ ମହୋତ୍ସବ କରିବା ନିମନ୍ତେ ଘନ ଘନ ପ୍ରସ୍ତୁତି ବୈଠକ ବସି ଆଲୋଚନା ଚାଲିଛି। ଅଞ୍ଚଳବାସୀଙ୍କ କହିବା ଅନୁସାରେ ପୂର୍ବରୁ ସବୁବେଳେ ଜି.ଉଦୟଗିରିରେ ଅଧିକ ଥଣ୍ଡା ହୁଏ, କିନ୍ତୁ ଏଠାରେ ତାପମାପକ ଯନ୍ତ୍ର ନ ଥିବା ଯୋଗୁ ସରକାରୀ ସ୍ତରରେ ଗ୍ରହଣୀୟ ହୋଇପାରିଲାନାହିଁ। ଯାହାଫଳରେ ସରକାରଙ୍କ ସମସ୍ତ ପର୍ଯ୍ୟଟନ କ୍ଷେତ୍ରରେ ଥିବା ଯୋଜନା ଗୁଡ଼ିକ ମିଳିପାରିଲାନାହିଁ ।

## ଶୀତ ମହୋତ୍ସବ 'ତୁଷାର' ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଜି.ଉଦୟଗିରି, ୮।୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରିରେ ଚଳିତ ବର୍ଷ ଫେବୃଆରୀ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଶୀତ ମହୋତ୍ସବ 'ତୁଷାର' ଅନୁଷ୍ଠିତ ହେବ। ଏନେଇ ଗୁରୁବାର ସ୍ଥାନୀୟ ବ୍ଲକ୍ ସଭାଗୃହରେ ମହୋତ୍ସବ କମିଟି ସଭାପତି ଜ୍ଞାନ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ଏସ୍‌ଡ଼ିପିଓ ବିଜୟ କୁମାର ବିଶି, ତହସିଲଦାର ରଞ୍ଜନ କୁମାର ସାହୁ, ଭାରପ୍ରାପ୍ତ ବିଡିଓ ସତ୍ୟ ନାରାୟଣ ମିଶ୍ର, ଏନ୍‌ଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଏନ୍‌ଏସି ଅଧ୍ୟକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀ, ବ୍ଲକ୍ ଅଧ୍ୟକ୍ଷା ସୁଷମା ପ୍ରଧାନ, ଜିଲାପରିଷଦ ସଭ୍ୟା ଲିଲିମା ପ୍ରଧାନ,ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ବାଘ, ବ୍ଲକ୍ ଉପାଧ୍ୟକ୍ଷ ଏନ୍ ଲୁକ, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଶିଶିର ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। କମିଟି ସମ୍ପାଦକ ଜିଆଉଦ୍ଦିନ ଅହମଦ ମହୋତ୍ସବର ଉଦ୍ଦେଶ୍ୟ, ପ୍ରସ୍ତାବିତ କାର୍ଯ୍ୟସୂଚୀ ସମ୍ପର୍କରେ ବିବରଣୀ ପାଠ କରିଥିଲେ। ବୈଠକରେ ବିଭିନ୍ନ କାର୍ଯ୍ୟକ୍ରମର ଦାୟିତ୍ୱ ବଣ୍ଟନ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏହି ମହୋତ୍ସବ ତୁଷାରର ଆୟୋଜନରେ ଅଞ୍ଚଳବାସୀଙ୍କ ସହଯୋଗରେ କିଭଳି ଏକ ସୁନ୍ଦର ଓ ସ୍ମରଣୀୟ କାର୍ଯ୍ୟକ୍ରମ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, କାଉନସିଲର, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ବ୍ୟବସାୟୀମାନେ ଉପସ୍ଥିତଥିଲେ। ସ୍ଥାନୀୟ ଅଞ୍ଚଳରେ ଥିବା ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ପୁନରୁଦ୍ଧାର କରିବା ସହ ଗମନାଗମନ ପାଇଁ ସୁବ୍ୟବସ୍ଥା କରିବା ପାଇଁ ସରକାରୀ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଆସିକା,୮।୧(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନଚନ୍ଦ୍ର ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦଘାଟିତ ହୋଇଛି। କଲେଜ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀ ଏହାକୁ ଉଦଘାଟନ କରିଥିଲେ । ପ୍ରତିଯୋଗିତା ପୂର୍ବରୁ ଛାତ୍ରୀଛାତ୍ରଙ୍କ ଏକ ମଶାଲ ଶୋଭାଯାତ୍ରା ନିକଟସ୍ଥ ହନୁମାନ ମନ୍ଦିରରୁ ବାହାରି ଖେଳପଡିଆ ଠାରେ ପହଞ୍ଚିଥିଲା । ଉତ୍ସବକୁ ଉଦଘାଟନ କରି ଅଧ୍ୟକ୍ଷ ବିଷୋୟୀ ଶିକ୍ଷା ସହ କ୍ରୀଡାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ୨ଦିନ ଧରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହେବ । କ୍ରୀଡା ସଂସଦ ସଂଯୋଜକ ପ୍ରମୋଦ କୁମାର ଆପଟ, ସୁଜାତା ଟେଟେ, ମନୁ ସ୍ୱାଇଁ, ଉପେନ୍ଦ୍ର ମାଝି ପ୍ରମୁଖ ଛାତ୍ର ଜୀବନରେ କ୍ରୀଡାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ ।

## ୭ ଦିନିଆ ଜାତୀୟ ସେବା ଶିବିର ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଖଲ୍ଲିକୋଟ, ୮।୧ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ୍ କେଶପୁର ସ୍ନାତକ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଅଧୀନରେ ୭ ଦିନ ଧରି ଚାଲିଥିବା ସେବା ଶିବିର ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ଅଶୋକ ପଲେଇଙ୍କ ପୌରହିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦେବାଶିଷ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଶିବିରରେ ବିଭିନ୍ନ ସଚେତନତା ପଦଯାତ୍ରା, ସଫେଇ, ଯୋଗ ଶିବିର, ଇତ୍ୟାଦି ସମ୍ପର୍କରେ ଅଧ୍ୟାପକ ଗଗନ ଗଉଡ଼ ତଥ୍ୟ ପ୍ରଦାନ କରିଥିଲେ। ୧୨୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ଜାତୀୟ ସେବା ଶିବିରରେ ଉପସ୍ଥିତ ଥିଲେ। ଏଥିରେ ଇଂରାଜୀ ବିଭାଗର ଅଧ୍ୟାପିକା ସବିତା ପାଢ଼ୀ ଓ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଇତିହାସ ବିଭାଗର ଅଧ୍ୟାପକ ଦକ୍ଷିଣେଶ୍ୱର ଜେନା ଧନ୍ୟବାଦ ଦେଇଥିଲେ।

## ସଂସ୍କୃତି ଭବନ ଉଦ୍‌ଘାଟନକଲେ ବିଧାୟକ

ପାରଳାଖେମୁଣ୍ଡି,୮।୧ଗିରିଧାରୀ ପରଛା)



ବିଧାୟକ ରୁପେଶ ପାଣିଗ୍ରାହୀ ସଂସ୍କୃତି ଭବନ ଉଦ୍‌ଘାଟନ କରୁଛନ୍ତି।

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ନିର୍ମିତ ସଂସ୍କୃତି ଭବନକୁ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁବାର ଉଦ୍‌ଘାଟନ କରିଛନ୍ତି।

ଜନଜାତି ସମ୍ପ୍ରଦାୟ ଲୋକଙ୍କ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ଏହି ସଂସ୍କୃତି ଭବନ ବେଶ୍ ଉପଯୋଗୀ ହୋଇପାରିବ ବୋଲି ବିଧାୟକ ପାଣିଗ୍ରାହୀ କହିଛନ୍ତି। ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଭବନରେ ଗ୍ରାମବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମ କରିପାରିବେ। ଏହି ଅବସରରେ ମଧ ବିଧାୟକ ପାଣିଗ୍ରାହୀ ତରଭା ପଞ୍ଚାୟତ ନର୍ସରି ଗ୍ରାମ ସାଂସ୍କୃତିକ ଭବନ ଓ ଗୁମ୍ମା-ସେରଙ୍ଗ ଯିବା ରାସ୍ତାରେ ଥିବା ପର୍ଯ୍ୟଟନ ସ୍ଥଳି ପୁରାତନ ତାରାତାରିଣୀ ମନ୍ଦିରର ଉନ୍ନତୀକରଣ ଏବଂ ପାଇକ ସାହି ଠାକୁରାଣୀ ମନ୍ଦିରର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏସବୁ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଜିଲା ପରିଷଦ ସଭ୍ୟ ରେଣୁକା ପାତ୍ର, ସମିତିସଭ୍ୟ ଅନିତା ଭୂୟାଁ, ସରପଞ୍ଚ ପ୍ରଦୀପ ମଣ୍ଡଳ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ସହକାରୀ ଯନ୍ତ୍ରୀ ରୋହିତ ବେହେରା ଉପସ୍ଥିତ ଥିଲେ।

## ବିଜେଡିର କର୍ମୀ ସମାବେଶ

ଦିଗପହଣ୍ଡି,୮।୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ବି. ତୁରୁବୁଡ଼ି ପଞ୍ଚାୟତ ମରେଇବାଡ଼ି ଗାଁ ମା' ଖେମୁଣ୍ଡି କାଲୁଆ ଶକ୍ତିପୀଠରେ ଏକ କର୍ମୀ ସମାବେଶ ହୋଇଯାଇଛି। ଏଥିରେ ଦଳୀୟ ନେତା ବିପ୍ଳବ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭାଜପା ସରକାର ଗଠନ କରିବା ପରେ ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ନାରୀଙ୍କୁ ସୁରକ୍ଷା ଏବଂ ନ୍ୟାୟ ଦେବାରେ ବିଫଳ ହୋଇଥିବା ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡ଼ିଥିବା ସେ ଅଭିଯୋଗ କରିଥିଲେ। ବିଜେଡି କର୍ମୀମାନେ ଗାଁଗାଁରେ ଭାଇଚାରା ସୃଷ୍ଟି କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତ ମୁଠା ଟାଣ କରିବାକୁ କହିଥିଲେ। ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ, ହୃଦୟରଞ୍ଜନ ମେକାପ, ପୂର୍ବତନ କାଉନ୍‌ସିଲର ନିରୁପମା ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ରାଧାକାନ୍ତ ମହାଙ୍କୁଡ଼, କାଉନ୍‌ସିଲର ନୀଳମାଧବ ଗୌଡ଼,ପୂର୍ବତନ ସମିତି ସଭ୍ୟ ମାଧବ ରାଓ, ଡା. ପ୍ରଫୁଲ୍ଲ ପ୍ରଧାନଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ଜମିରେ ଝୁଲାଇଲେ ମାଙ୍କଡ଼ ମୃତଦେହ

କବିସୂର୍ଯ୍ୟନଗର,୮।୧(କୃପାସିନ୍ଧୁ ସ୍ୱାଇଁ)



ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ତଥା ପୋଲସରା ରେଞ୍ଜ ଅଧୀନ ଗୋବିନ୍ଦପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖାଯାଇଛି। ଗୋଟିଏ ମାଙ୍କଡ଼କୁ ମାରି ଚାଷଜମିରେ ଖୁଣ୍ଟରେ ଝୁଲାଇ ଦିଆଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ଖବରପାଇ ବନ ବିଭାଗ ଅଧିକାରୀ ପହଞ୍ଚି ମୃତ ମାଙ୍କଡ଼କୁ ଉଦ୍ଧାର କରି ପୋତି ଦେଇଥିବା ଜଣାପଡ଼ିଛି । ଅଞ୍ଚଳରେ ମାଙ୍କଡ଼ ଉପଦ୍ରବ ଲାଗି ରହିଥିବା ବେଳେ ଗୋଟିଏ ନିରୀହ ପ୍ରାଣୀକୁ ମାରି କିଏ ଓ କାହିଁକି ଜମିରେ ଝୁଲାଇଥିଲେ ତାହା ଜଣାପଡ଼ିନାହିଁ। ମାଙ୍କଡ଼ପଲ ଫସଲ ନଷ୍ଟ କରୁଥିବା ହେତୁ କେହି ଏଭଳି କ୍ରୁରତା ଦେଖାଇ ପାରିଥାନ୍ତି ବୋଲି ଚର୍ଚ୍ଚା ହେଉଛି ।

## ମହେନ୍ଦ୍ରତନୟା ମହୋତ୍ସବ ଶୁଭାରମ୍ଭ



ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

ଗୋସାଣୀ,୮।୧ (ଗଣେଶ ପାତ୍ର)

ଗଜପତି ଜିଲା ଗୋଷାଣି ବ୍ଲକ ସଦର ମହକୁମାସ୍ଥ ମିଶନଶକ୍ତି କାଫେ ସମ୍ମୁଖ ପଡିଆରେ ଗଜପତି ଉତ୍ସବ ପରିପ୍ରେକ୍ଷୀରେ ଦୁଇଦିନିଆ ବ୍ଲକସ୍ତରୀୟ ମହେନ୍ଦ୍ରତନୟା ମହୋତ୍ସବ ଗୁରୁବାର ଆରମ୍ଭ ହୋଇଛି । ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟା ନୀଳାବତୀ ପାରିଗା, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ସସ୍ମିତା ଜେନା, ଆକାଉଣ୍ଟ ଅଫିସର ଗଜେନ୍ଦ୍ର ବେହେରା ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଗୋଷାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ ସଭାପତତ୍ୱ କରିଥିଲେ। ଏହି ମହୋତ୍ସବ ପାଳନର ତାତ୍ପର୍ଯ୍ୟ ଏବଂ ଗୋଷାଣି ବ୍ଲକର କଳା, ସଂସ୍କୃତି ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ ।

ବ୍ଲକର ବିଭିନ୍ନ ସାଂସ୍କୃତିକ ଦଳର ନୃତ୍ୟ ଓ ସଙ୍ଗୀତରେଶ୍ରୋତା ଓ ଦର୍ଶକ ମଜ୍ଜିଥିଲେ। ଗୁରୁଣ୍ଡି ଏସକେସିଜି ହାଇସ୍କୁଲର ତ୍ରିଶା ଜେନାଙ୍କ ନେତୃତ୍ୱରେ ତାଙ୍କ ଦଳ ସାଂସ୍କୃତିକ ନୃତ୍ୟ, ଗୁଣୁପୁର ଡ୍ୟାନ୍ସ ଗ୍ରୁପ, ଲିଙ୍ଗିପୁର ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଲୋକକଳା ନୃତ୍ୟ, ଲିଙ୍ଗିପୁର ସ୍ଥିତ ସେବାଶ୍ରମ, ଯୁବରାଜପୁରର ହରିପ୍ରିୟା ଗ୍ରୁପ, ଦେଉଳା ଜିଏଚଏସ ଦଳର ଯୋଗା, ଗାରାବନ୍ଧାସ୍ଥିତ ସେଣ୍ଟ ଆଣ୍ଡ୍ରୁସ ସ୍କୁଲର ସମ୍ବଲପୁରୀ ନୃତ୍ୟ, ଘୋରଣିର ଏଜେକ୍ସ୍ୟ ଡ୍ୟାନ୍ସ ଷ୍ଟୁଡିଓର ନୃସିଂହ ଅବତାର ଗୀତ, କେଜିବିଭି ଡ୍ୟାନ୍ସ ଗ୍ରୁପର ଆଦିବାସୀ ଗୀତ, ଗାରାବନ୍ଧ ଟୁସ୍ପର ଗ୍ରୁପ ଡ୍ୟାନ୍ସ, ପ୍ରିୟଙ୍କା ଡ୍ୟାନ୍ସ ଗ୍ରୁପର ପାଲିନୃତ୍ୟ, ଜଙ୍ଗଲପାଡୁ ରାଧାକୃଷ୍ଣ ସେବା ସଂଘର ଭଜନ ସନ୍ଧ୍ୟା, ଯୁବରାଜପୁରର ଅମ୍ବିକା ନାଟ୍ୟ କଳା ସଂସଦର ଭାରତ ଲୀଳା ଏବଂ ଯୁବରାଜପୁରର ମା' ଠାକୁରାଣୀ ଯୁବ ସଂସଦର ରାଧାକୃଷ୍ଣ ପ୍ରେମଲୀଳା ଶ୍ରୋତା ଓ ଦର୍ଶକଙ୍କ ମନମୋହିଥିଲା । ବ୍ଲକର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଗୋଷାଣି ସିଆରସିସି ରଶ୍ମିତା ସାମଲ ସଂଯୋଜନା କରିଥିଲେ। ତାଟିପାଟି ପଞ୍ଚାୟତର ଭାରପ୍ରାପ୍ତ ପିଇଓ ବିନୋଦ ଗୌଡ ଓ ଦେଉଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାଣି ଉପସ୍ଥିତ ଥିଲେ। ଗୁରାଣ୍ଡି ଥାନା ଅଧିକାରୀ ଓମ ନାରାୟଣ ପାତ୍ରଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ସିୟୁଟିଏମ୍‌ରେ ରକ୍ତଦାନ ଶିବିର

ପାରଳାଖେମୁଣ୍ଡି,୮।୧(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡସ୍ଥିତ ସେଞ୍ଚୁରିଅନ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଏବଂ ମ୍ୟାନେଜମେଣ୍ଟ (ସିୟୁଟିଏମ୍)ରେ ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିର ଉଦ୍‌ଘାଟନ ଅବସରରେ ସିୟୁଟିଏମ୍ ରେଜିଷ୍ଟ୍ରାର ଡ. ଅନୀତା ପାତ୍ର, ଡାଇରେକ୍ଟର ଆଡ୍‌ମିନ ପ୍ରଫେସର ଦୁର୍ଗା ପାଢ଼ୀ, ସ୍କୁଲ ଅଫ ମ୍ୟାନେଜମେଣ୍ଟର ଆସୋସିଏଟ ଡିନ୍ ଡ. ପ୍ରଜ୍ଞା ପାଣି, ସ୍କୁଲ ଅଫ ନର୍ସିଂର ଉପପ୍ରଧାନାଚାର୍ଯ୍ୟା ଡ. ଏସ୍.ଏନ୍. ସନ୍ଧ୍ୟା, ଷ୍ଟୁଡେଣ୍ଟ ଆଫେୟାର୍ସର ଡିନ୍ ରିତେଶ କୁମାର, ରେଡକ୍ରସ ଅଫିସର ଡ. ସୁଶାନ୍ତ ପଟ୍ଟନାୟକ, ଏନ୍‌ଏସ୍‌ଏସ୍ ୟୁନିଟ୍‌ର ଡ. ନିହାଲ ଉପସ୍ଥିତ ଥିଲେ। ଶିବିରରେ ମୋଟ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ୟୁଥ୍ ରେଡ୍‌କ୍ରସ ଅଫିସର ପଟ୍ଟନାୟକ ୨୫ ଥର ପାଇଁ ରକ୍ତଦାନ କରି ବିଶ୍ୱବିଦ୍ୟାଳୟର ଗୌରବକୁ ବଢ଼ାଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ବ୍ଲଡ ବ୍ୟାଙ୍କର ଖଗେଶ୍ୱର ବେହେରା ଏବଂ ତାଙ୍କ ଟିମ୍ ରକ୍ତସଂଗ୍ରହ କରିଥିଲେ।

## ସମୁଦ୍ର ଗର୍ଭରେ ଲୀନ ହେଲାଣି ୩ ସାହି, ଶହେରୁ ଉର୍ଦ୍ଧ୍ୱ ଘର

ଗଞ୍ଜାମ,୮।୧(ବିଦ୍ୟାଧର ସାହୁ)

### ଲୋକ ରହୁ ନ ଥିବା ଗାଁ ପୋଡ଼ମପେଟା



ପୋଡ଼ମପେଟା ଗାଁ

ଗଞ୍ଜାମ ବ୍ଲକ୍ ପାଲିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ସ୍ଥିତ ସମୁଦ୍ରକୂଳ ପୁରୁଣା ପୋଡ଼ମପେଟା ଗାଁ ଗାଁ ଏବେ ଜନଶୂନ୍ୟ ହୋଇଛି। ପୂର୍ବେ ଏହି ଗାଁରେ ୫୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ବସବାସ କରୁଥିଲେ। ସମୁଦ୍ରରେ ମାଛ ମାରିବା ସେମାନଙ୍କ ମୁଖ୍ୟ ବେଉସା ଥିଲା। ବେଳକୁ ବେଳ ଅଶାନ୍ତ ସମୁଦ୍ରର ଉଚ୍ଚ ଜୁଆର ଯୋଗୁ ଦିନେ ଏହି ଗାଁଟି ସମ୍ପୂର୍ଣ୍ଣ ସମୁଦ୍ର ଗର୍ଭରେ ଲୀନ ହେଇଯିବା ଆଶଙ୍କାରେ ଜିଲା ପ୍ରଶାସନ ୨୦୦୪ରେ ସେମାନଙ୍କ ଥଇଥାନ ଆରମ୍ଭ କରିଥିଲା। ପ୍ରଶାସନ ପକ୍ଷରୁ ଓଡିଆରପି ଯୋଜନାରେ ରାମଗଡ଼ ପଞ୍ଚାୟତ ଡୁମୁନାଗିରି ପାହାଡ଼ ପାଦଦେଶ ସାହେବ କେନାଲ ପାର୍ଶ୍ୱରେ ୧୧୦ ପରିବାରକୁ ଥଇଥାନ କରାଯାଇଥିଲା। ପରେ ୨୦୧୩ରେ ଓଡିଆରପି କଲୋନୀକୁ ୧୦୨ ପରିବାରକୁ ସ୍ଥାନାନ୍ତର କରାଯାଇଥିଲା। ୨୦୧୮ରେ ଏକାକାଳୀନ ୩୦୦ରୁ ଉର୍ଦ୍ଧ୍ୱ ପରିବାରକୁ ମଧୁରପଦା ଗାଁ ନିକଟସ୍ଥ ସାହେବ କେନାଲ ପାର୍ଶ୍ୱରେ ପ୍ରଶାସନ ଥଇଥାନ କରିଛି। ବର୍ତ୍ତମାନ ପୋଡ଼ମପେଟା ଗାଁ ଜନଶୂନ୍ୟ ହୋଇଛି। ସମୁଦ୍ରକୂଳଠାରୁ ପ୍ରାୟ ୩ କି.ମି. ଦୂରରେ ଏହି ଗାଁ ଥିବା ବେଳେ ପ୍ରାୟ ୩ ସାହର ୧୦୦ରୁ ଉର୍ଦ୍ଧ୍ୱ ଘର ସମୁଦ୍ର ଗର୍ଭରେ ଲୀନ ହୋଇସାରିଥିବା ଗାଁର ଜି.ରାମେୟା କହିଛନ୍ତି। ଏବେ ସୁଦ୍ଧା ସେଠାରେ ବହୁ ଘର ସେପରି ଥିବା ଦେଖିବାକୁ ମିଳୁଛି। ସେହି ଗାଁରେ କେହି ଲୋକ ରହୁ ନ ଥିଲେ ମଧ ମତ୍ସ୍ୟଜୀବୀଙ୍କ ଇଷ୍ଟ ଦେବୀ ଏବେବି ଉକ୍ତ ଗାଁ ଶେଷରେ ଥିବା ମନ୍ଦିରରେ ପୂଜା ପାଉଛନ୍ତି। ଗୋଟେ ପରେ ଗୋଟେ ଘର ସମୁଦ୍ର ଗର୍ଭରେ ଲୀନ ହେଉଥିବା ବେଳେ ମା'ଙ୍କ ମନ୍ଦିର ପାଖ ଜୁଆର ମାଡି ପାରୁନି ବୋଲି ପୂଜାରୀ କହିଛନ୍ତି। କିଛି ଦିନ ମଧ୍ୟରେ ସମୁଦ୍ର ଅଶାନ୍ତ ହୋଇ ପ୍ରବଳ ଜୁଆର ମାଡି ଆସୁଥିବା ଜଣେ ମତ୍ସ୍ୟଜୀବୀ କହିଛନ୍ତି। ସମୟ ଆସିବ ଦିନେ ଗଞ୍ଜାମ ମାନଚିତ୍ରରୁ ଲିଭିଯିବ ପୋଡ଼ମପେଟା ଗାଁ ବୋଲି ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାଏ କହିଛନ୍ତି।

# ସୁକିନ୍ଦା ଭବନରେ ଖୋଲିବ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ

**ଯାଜପୁର,୮।୧(ହର୍ଷବର୍ଦ୍ଧନ ବେହେରା):**

ବିଜୁ ପଟ୍ଟନାୟକ ନ୍ୟାଶନାଲ ଷ୍ଟିଲ ଇନ୍‌ଷ୍ଟିଚ୍ୟୁଟ ବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ(ବିପିଏନ୍‌ଏସ୍‌ଆଇ) ଯାଜପୁର ଜିଲା କଳିଙ୍ଗନଗରର ସୁକିନ୍ଦା ଭବନରେ ଅସ୍ଥାୟୀ ଭାବେ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସଚିବ ଭୂପେନ୍ଦ୍ର ସିଂ ପୁନିଆ କୌଣସି ପ୍ରକାର ବିଳମ୍ବ ନ କରି ପ୍ରଶାସନିକ ଏବଂ ଶୈକ୍ଷିକ କାର୍ଯ୍ୟକଳାପ ଆରମ୍ଭ କରିବାକୁ ଗୁରୁବାର ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ପ୍ରାୟ ୫ ବର୍ଷ ହେବ କଳିଙ୍ଗନଗରରେ ଏହି ଜାତୀୟ ଅନୁଷ୍ଠାନର ପ୍ରତିଷ୍ଠାକୁ ନେଇ ଲାଗି ରହିଥିବା ଅନିଶ୍ଚିତତା ଦୂର ହୋଇଛି। ଏହି ଅନୁଷ୍ଠାନ ପ୍ରତିଷ୍ଠା ହେଲେ ଖଣି ଓ ଶିଳ୍ପାଞ୍ଚଳରେ ନିଯୁକ୍ତି ଆଶାୟୀ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତା ପୂରଣ ହୋଇପାରିବ ବୋଲି ଆଶା କରାଯାଇଛି। ଜମି ଅଭାବରୁ ଏହି ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠାରେ ବିଳମ୍ବ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା।

ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବିପିଏନ୍‌ଏସ୍‌ଆଇ ହେଉଛି ଭାରତ ସରକାରଙ୍କ ଏକ ପ୍ରତିଷ୍ଠାନ, ଯାହା ଇସ୍ପାତ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣରେ ଏବଂ ଓଡ଼ିଶା ସରକାରଙ୍କ ସମର୍ଥନରେ କାର୍ଯ୍ୟ କରୁଛି। ଏହି ପ୍ରତିଷ୍ଠାନ ଇସ୍ପାତ ଏବଂ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ନେତୃତ୍ୱକୁ ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପରିକଳ୍ପନା କରାଯାଇଛି। ଇସ୍ପାତ କ୍ଷେତ୍ରରେ ଦକ୍ଷତା ବିକାଶ, ବୈଷୟିକ ତାଲିମ ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ କଳିଙ୍ଗନଗରରେ ଏହି ଅନୁଷ୍ଠାନର ପ୍ରତିଷ୍ଠା ଅତ୍ୟନ୍ତ ଜରୁରୀ। ଉକ୍ତ ଶିକ୍ଷାନୁଷ୍ଠାନକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ ପାଇଁ ସୁକିନ୍ଦା ଭବନକୁ ଚିହ୍ନଟ କରାଯାଇଛି। ଏହାବ୍ୟତୀତ ଏହି ପ୍ରତିଷ୍ଠାନ ପାଇଁ ବ୍ୟାପକ ରୋଡ୍‌ମ୍ୟାପ ପ୍ରସ୍ତୁତ ଉପରେ ଆଲୋଚନା ଚାଲିଛି। ଯେଉଁଥିରେ ଭବିଷ୍ୟତମୁଖୀ ପାଠ୍ୟକ୍ରମ ଏବଂ ବିଷୟବସ୍ତୁର ଡିଜାଇନ ଅନ୍ତର୍ଭୁକ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ସୁକିନ୍ଦା ଭବନକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଶୀଘ୍ର ହସ୍ତାନ୍ତର କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସଚିବ ପୁନିଆ ତାଙ୍କ ପତ୍ରରେ ନିର୍ଦ୍ଦେଶ ଜାରି କରିଛନ୍ତି।

- ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତା ହାସଲ ଆଶା ପୂରଣ ହେବ
- ୨୦୦୨ରେ ପୁରୀଠାରେ ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ହୋଇଥିଲା
- ବିଭିନ୍ନ କାରଣରୁ ଅନୁଷ୍ଠାନ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା

ବିପିଏନ୍‌ଏସ୍‌ଆଇ ଏହା ପୂର୍ବରୁ ପୁରୀରେ କାର୍ଯ୍ୟକ୍ଷମ ଥିଲା। ୧।୩।୨୦୨୧ରେ ଏହି ଅନୁଷ୍ଠାନକୁ ପୁରୀଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ଯାଜପୁର କ୍ଲଷ୍ଟର ଡେଭଲପମେଣ୍ଟ ଲି଼(ଜେସିଡିଏଲ୍)ପରିସରକୁ କେବଳ ଚିଠିପତ୍ରରେ ସ୍ଥାନାନ୍ତର ହୋଇଥିଲା। ଏହି ଅନୁଷ୍ଠାନର ଉନ୍ନତୀକରଣ ପାଇଁ ବୋର୍ଡ ଅଫ୍ ଡାଇରେକ୍ଟର ପୁନର୍ଗଠନ ହୋଇଛି। ଉକ୍ତ ଅନୁଷ୍ଠାନର ସମସ୍ତ କାର୍ଯ୍ୟକଳାପ ବୋର୍ଡ ଦ୍ୱାରା ପରିଚାଳିତ ହେବ। ଇତିମଧ୍ୟରେ ଜମି ଚିହ୍ନଟ ଚୂଡ଼ାନ୍ତ ନ ହେବା ଏବଂ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ଦିଗରେ ନୈରାଶ୍ୟଜନକ ଅଗ୍ରଗତି ଯୋଗୁ ବିପିଏନ୍‌ଏସ୍‌ଆଇ ଝୁଲି ରହିଥିଲା। ଏଥିପାଇଁ ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତା ପାଇଁ ତାଲିମ ଆଶା ଅନିଶ୍ଚିତତାରେ ରହିଥିଲା। ବିପିଏନ୍‌ଏସ୍‌ଆଇ ପାଇଁ ଇଡକୋ ପକ୍ଷରୁ ୨୯।୫।୨୦୨୦ରେ ଦାନଗଦି ତହସିଲ ଅଧୀନ ଯଖପୁରା ଓ କଟେରିଗାଁ ମୌଜାରେ ମାତ୍ର ୧୦ ଏକର ଜମି ଆବଣ୍ଟିତ ହୋଇଥିଲା। ଏହି ଜମି ବିପିଏନ୍‌ଏସ୍‌ଆଇ ପ୍ରତିଷ୍ଠା ପାଇଁ ନିଅଣ୍ଟ ହେବ ବୋଲି କର୍ତ୍ତୃପକ୍ଷ ଜଣାଇବା ପରେ ପୁଣି ୨୫ ଏକରକୁ ବୃଦ୍ଧି ପାଇଥିଲା। ତେବେ ଆନ୍ତର୍ଜାତିକସ୍ତରର ଲକ୍ଷ୍ୟନେଇ ଗଢି ଉଠୁଥିବା ଏହି ଅନୁଷ୍ଠାନ ପାଇଁ ଅନ୍ୟୁନ୍ୟ ୫୦ ଏକର ଜମିର ଆବଶ୍ୟକତା ରହିଛି। କିନ୍ତୁ ଇଡ୍‌କୋ କର୍ତ୍ତୃପକ୍ଷ ଏଥିପାଇଁ ପାତର ଅନ୍ତର ନୀତି ଆପଣାଉଥିବା କୁହାଯାଉଛି।

ସୂଚନାଯୋଗ୍ୟ, ୨୦୦୨ରେ ପୁରୀଠାରେ ବିପିଏନ୍‌ଏସଆଇ ପ୍ରତିଷ୍ଠା ହୋଇଥିଲା। ତେବେ ବିଭିନ୍ନ କାରଣରୁ ସେଠାରେ ଏହି ଅନୁଷ୍ଠାନ ଉପଯୁକ୍ତ ଭାବେ କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା। କଳିଙ୍ଗନଗରଠାରେ ରାଜ୍ୟର ସର୍ବାଧିକ ଷ୍ଟିଲ ଉତ୍ପାଦନ ଲକ୍ଷ୍ୟ ରହିଥିବାରୁ ବିପିଏନ୍‌ଏସ୍‌ଆଇର ଆବଶ୍ୟକତାକୁ ଉପଲବ୍ଧି କରି କେନ୍ଦ୍ର ସରକାର ଏହି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଏହି ଅନୁଷ୍ଠାନରେ ଉତ୍ପାଦିତ ସମସ୍ତ ଷ୍ଟିଲ ସାମଗ୍ରୀର ମାନ ପରୀକ୍ଷା ହେବା ସହିତ ଷ୍ଟିଲ କାରଖାନାରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯିବ। ଏହାବାଦ କାରଖାନାରେ ନିଯୁକ୍ତି ପାଇଁ ଅପେକ୍ଷାରତ କିମ୍ବା ବିଭିନ୍ନ ବୈଷୟିକ ଡିଗ୍ରୀଧାରୀ ଏଠାରେ ତାଲିମ ନେଇ ଅଭିଜ୍ଞତା ହାସଲ କରି ପାରିବେ ବୋଲି ଲକ୍ଷ୍ୟ ରହିଛି।

# ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା



ଧାରଣାରେ ବସିଥିବା ଛାତ୍ରୀଛାତ୍ରମାନେ।

**କାଳିଆପାଣି,୮।୧(ଅସିତ ମହାନ୍ତ):**

ସୁକିନ୍ଦା ବ୍ଲକ ଅଧୀନ କଅଁସ ପଞ୍ଚାୟତ ସାରୁଆବିଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଗୁରୁବାର ଛାତ୍ରୀଛାତ୍ର ଓ ଅବିଭାବକ ବିଦ୍ୟାଳୟ ଫାଟକ ଆଗରେ ଧାରଣାଦେଇଛନ୍ତି। ଏଠାରେ ପ୍ରଥମରୁ ଅଷ୍ଟମ ୮ ଶ୍ରେଣୀ ପର୍ଯ୍ୟନ୍ତ ୨୩୮ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ଲାଗି ୪ ଶିକ୍ଷକ ନିୟୋଜିତ ହୋଇଛନ୍ତି। ଫଳରେ ପାଠପଢ଼ା ଠିକ୍‌ରେ ହୋଇପାରୁନାହିଁ। ସରକାରଙ୍କ ଶିକ୍ଷାନୀତି ଅନୁଯାୟୀ ସ୍କୁଲର ଛାତ୍ରୀଛାତ୍ର ତୁଳନାରେ ୮ରୁ୯ ଶିକ୍ଷକ ଆବଶ୍ୟକ ରହିଛି। ତେଣୁ ଆବଶ୍ୟକ ଶିକ୍ଷକ ନିଯୁକ୍ତି ନେଇ ସୁକିନ୍ଦା ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଅବିଭାବକ ଓ ବିଦ୍ୟାଳୟ କମିଟି ପକ୍ଷରୁ ବାରମ୍ବାର ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ। ଶେଷରେ ବାଧହୋଇ ଛାତ୍ରୀଛାତ୍ରଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଓ ଅବିଭାବକ ମିଳିତ ଭାବେ ସ୍କୁଲ ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ସ୍କୁଲର ଶିକ୍ଷକ ଆସି ଛାତ୍ରୀଛାତ୍ର ଓ ଅବିଭାବକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଧାରଣାରୁ ଓହରିଥିଲେ। ୭ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନ ହେଲେ ବିଦ୍ୟାଳୟରେ ତାଲା ପକାଯିବ ବୋଲି ବିଦ୍ୟାଳୟ କମିଟି ସଭ୍ୟ ଓ ଅବିଭାବକଙ୍କ ଚେତାବନୀ ଦେଇଛନ୍ତି।

**ସପ୍ତାହ ମଧ୍ୟରେ ଶିକ୍ଷକ ନିଯୁକ୍ତି ନ ହେଲେ ବିଦ୍ୟାଳୟରେ ତାଲା ପକାଇବାକୁ ଚେତାବନୀ**

# ସୁନ୍ଦରିଆ ପ୍ରିମିୟର ଲିଗ୍: କେସିସି ସୁଙ୍ଗୁଡ଼ା ବିଜୟୀ

**ଧର୍ମଶାଳା,୮।୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ସୁନ୍ଦରିଆସ୍ଥିତ ନ୍ୟୁ ଲାଇଫ ୟୁଥ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ୨୯ତମ ଜିଲାସ୍ତରୀୟ ସୁନ୍ଦରିଆ ପ୍ରିମିୟର ଲିଗର ଗୁରୁବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କେସିସି ସୁଙ୍ଗୁଡ଼ା ବିଜୟୀ ହୋଇଛି। ଏହି ମ୍ୟାଚ୍ ସଙ୍ଗୁଡ଼ା ଓ ଯାଜପୁର ମହାକାଳୀ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ସୁଙ୍ଗୁଡା ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ବିପକ୍ଷ ମହାକାଳୀ ଏକାଦଶ ଯାଜପୁର ବ୍ୟାଟିଂ କରି ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୬୪ ରନ କରିଥିଲା। ଦଳ ପକ୍ଷରୁ ସୁମନ ସର୍ବାଧିକ ୭୩ ରନ କରିଥିଲେ। ଜବାବରେ ସୁଙ୍ଗୁଡ଼ା ବ୍ୟାଟ୍ସମ୍ୟାନ୍ କାଲୁଙ୍କ ଶତକ(୧୦୬ ରନ) ବଳରେ ୧୧.୨ ଓଭରରେ ୩ ଉଇକେଟ ହରାଇ ଦଳ ବିଜୟୀ ହୋଇଥିଲା। ଖେଳକୁ ରାଜେଶ୍ ଭଦ୍ର ଓ ସୁନୀଲ ନାୟକ ପରିଚାଳନା କରିଥିଲେ। ଅତିଥି ଭାବରେ ଯୁବ ସଂଗଠକ ସ୍ୱାଗତ ଦାସ ଯୋଗଦେଇ କାଲୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଶୁକ୍ରବାର ଧର୍ମଶାଳାର ସାଗର ଏକାଦଶ ଓ ଡୁବୁରୀ ବ୍ଲୁ ଷ୍ଟାର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସଭାପତି ସପ୍ତସାଗର ଦାସ ସୂଚନା ଦେଇଛନ୍ତି।



ବିଜୟୀ ଦଳର ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲିପୁନ୍



@ ଅର୍ଜୁନ



@ ଗୁଡୁ



@ ବିଶ୍ୱନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭଡ଼ାଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଯାଜପୁରରୋଡ୍,୮।୧ (ପବିତ୍ର ରଞ୍ଜନ ମହାନ୍ତି):**



ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ଚାନ୍ଦମାସ୍ଥିତ ହୁଡ଼ିସାହିର ଏକ ଭଡ଼ାଘରୁ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ବନ୍ଧାଳୋ ଗ୍ରାମର ବୃନ୍ଦାବନ ଦାଶଙ୍କ ପୁଅ ଦିଲୀପ କୁମାର ଦାଶ(୨୫)। ହୁଡ଼ିସାହି ସ୍ଥିତ ଏକ ଭଡାଘରେ ୩ ଯୁବକ ଦିଲୀପ ଦାଶ, ଉତ୍ତମ ଶେଖର ଓ ତାରିଣୀ ସାଙ୍ଗ ହୋଇ ରହୁଥିଲେ। ସେମାନେ କଳିଙ୍ଗନଗର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଥିଲେ। ବୁଧବାର ରାତିରେ ସମସ୍ତେ ଖାଇପିଇ ଶୋଇଥିଲେ। ଗୁରୁବାର ଭୋର ୫ଟାରେ ଦିଲୀପ ଓ ତାରିଣୀ କିଛି କଥାହେବାପରେ ତାରିଣୀ ନିଜ କାର୍ଯ୍ୟସ୍ଥଳକୁ ଚାଲି ଯାଇଥିଲେ। ସେଠାରୁ ତାରିଣୀ ଉତ୍ତମକୁ ଫୋନ କରି କହିଥିଲେ ଦିଲୀପ ଫୋନ ଉଠାଉନାହାନ୍ତି। ଉତ୍ତମ ରହୁଥିବା ରୁମ୍ ବାହାରପଟୁ କବାଟ ବନ୍ଦ ଥିବା ଜାଣିବାକୁ ପାଇଥିଲେ। ଝରକା ଖୋଲି ପଡ଼ୋଶୀଙ୍କୁ ଡାକିବାରୁ ପଡୋଶୀ ଉତ୍ତମ ଘର କବାଟ ଖୋଲିଥିଲେ। ଏହାପରେ ଉତ୍ତମ ଦିଲୀପଙ୍କୁ ଖୋଜାଖୋଜି କରିଥିଲେ। ଏହି ସମୟରେ ଦିଲୀପ ବେକରେ ଏକ ଗାମୁଛା ବାନ୍ଧି ଘର ଛାତ ହୁକରେ ଝୁଲୁଥିଲେ। ଏହା ଦେଖି ତାରିଣୀ ପଡ଼ୋଶୀଙ୍କୁ ଜଣାଇବା ପରେ ସ୍ଥାନୀୟ ଲୋକେ ଜୋରେଇ ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସାଇଣ୍ଟିଫିକ ଟିମ ଦ୍ୱାରା ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦିଲୀପଙ୍କ ଘର କଟକ ଜିଲା ବାଙ୍କୀ ସ୍ଥିତ ବନ୍ଧାଳ ହୋଇଥିବାବେଳେ ସାଥି ତାରିଣୀଙ୍କ ଘର ଢେଙ୍କାନାଳ ଓ ଉତ୍ତମ ଶେଖରଙ୍କ ଘର ରାଉରକେଲା ବୋଲି ଜଣାପଡିଛି। ପାରିବାରିକ କଳହକୁ ନେଇ ଦିଲୀପ ଏପରି କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ପରେ ଘଟଣାର ସତ୍ୟତା ସାମ୍ନାକୁ ଆସିବ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଥାନାରେ ନଂ.୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ଥାନାଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

# କଳାମୁଣ୍ଡି ପୋକ ଖାଇଗଲେ ବାଦାମ ଫସଲ

## ଚାଷୀ ମୁଣ୍ଡରେ ଚଡ଼କ

**ରସୁଲପୁର,୮।୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳରେ ରବି ଋତୁରେ ଚାଷ ହୋଇଥିବା ବାଦମ ଫସଲରେ କଳାମୁଣ୍ଡି ପୋକର ପ୍ରଭାବ ପରିଲକ୍ଷିତ ହୋଇଛି। ବାଦାମ ଗଛ ତଳେ ପୋକଗୁଡିକ ଲୁଚି ରହୁଛନ୍ତି। ରାତିରେ ଗଛ ଉପରକୁ ଆସି କଅଁଳିଆ ପତ୍ରଗୁଡିକୁ ଖାଇବାଦାମ ଗଛକୁ ଲଣ୍ଡା କରିଦେଉଛନ୍ତି। ଏହିଭଳି ସ୍ଥିତି ଭୋଟକା, ରସୁଲପୁର, ଗନ୍ଧଣ, ବାହାଦଲାପୁର, ବଡ଼କଇଁଚି ଆଦି ପଞ୍ଚାୟତରେ ଦେଖାଦେଇଛି। ପୋକ ପ୍ରଭାବରେ ବାଦମ ଚାଷ ଉଜୁଡି ଯିବା ଭଳି ସ୍ଥିତି ଉପୁଜିଛି। କ୍ଷେତର ସ୍ଥିତି ଦେଖି ଚାଷୀ ମୁଣ୍ଡରେ ଚଡକ ପଡ଼ିଛି। ଚଳିତବର୍ଷ ଖରିଫ ଋତୁରେ ଅନିୟମିତ ପାଣିପାଗ ଯୋଗୁ ଧାନ ଫସଲରେ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନେ ବାଦାମ ଫସଲରେ ଲାଭବାନ ହେବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ଚାଷ ଆରମ୍ଭରୁ ଫସଲ ଉଜୁଡ଼ିଯିବା ସ୍ଥିତି ଦେଖି ଚାଷୀଙ୍କ ମନରେ ହତାଶାଭାବ ଦେଖାଦେଇଛି।

ଏହି ବ୍ଲକର ଚାଷୀ ଖରିଫ ଋତୁରେ ସ୍ୱଳ୍ପ ମିଆଦି ଧାନ ଓ ପରିବା ଚାଷ କରିବା ସହ ରବି ଋତୁରେ ବାଦାମ, ସୋରିଷ ଭଳି ତୈଳବୀଜ ଫସଲ ଚାଷ କରି ଲାଭବାନ ହୋଇଥାନ୍ତି। ବାଦମ ଚାଷ ଏକ ଲାଭକରୀ ଫସଲ ହୋଇଥିବାରୁ ବ୍ଲକର ୨୮ ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୫ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମିରେ ଏହି ଚାଷ କରାଯାଇଛି। ବାଦାମ ଚାଷ ପାଇଁ ଚାଷୀ ଧାରକରଜ କରି ବିହନ ଆଣିଥିଲେ। ଚଳିତବର୍ଷ ଥଣ୍ଡା ପାଣିପାଗ ଯୋଗୁ ବାଦାମ ଫସଲ ପାଇଁ ଅନୁକୁଳ ପରିସ୍ଥିତ ସୃଷ୍ଟି ହୋଇଥିଲା। ଚାଷୀକ୍ଷେତକୁ ଦେଖି ଉନ୍ନତ ଅମଳ ହେବ ବୋଲି ଆଶା ସଞ୍ଚାର କରିଥିଲେ। କ୍ଷେତରେ ପୋକର ପ୍ରଭାବ ଦେଖି ଚାଷୀ କୀଟନାଶକ ସିଞ୍ଚନ କରିଥିଲେ। ହେଲେ ଏହାର ପ୍ରଭାବ ପୋକ ଉପରେ ପଡ଼ିଲାନାହିଁ। ଏଥିସହ କୃଷି ବିଭାଗ ସହ ଯୋଗାଯୋଗ କରି ଚାଷୀ ବାଦାମ ଗଛରେ କୀଟନାଶକ ଛିଞ୍ଚିଥିଲେ। ତାହାର ମଧ୍ୟ କୌଣସି ପ୍ରଭାବ ପଡ଼ିନାହିଁ। ବାଦାମ କ୍ଷେତକୁ କିପରି ସୁରକ୍ଷା ଦିଆଯାଇ ପାରିବ ସେହି ଚିନ୍ତା ଚାଷୀଙ୍କୁ ଘାରିଛି। ଏ ଦିଗରେ କୃଷି ବିଭାଗ ଅଧିକାରୀ ଅବଗତ ଥାଇ ମଧ୍ୟ ଚାଷୀଙ୍କ ସମସ୍ୟା ନେଇ କୌଣସି ପଦକ୍ଷେପ ନେଉ ନ ଥିବା ଜଣାଯାଇଛି। ସେହିପରି କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିବାକୁ ଆସୁନାହାନ୍ତି ବୋଲି ବାଦାମ ଚାଷୀ ରଘୁନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି।

ଏନେଇ ବ୍ଲକ ସହକାରୀ କୃଷି ଅଧିକାରୀ ଅରଜିତ୍ ଉପାଧ୍ୟାୟଙ୍କୁ ପଚାରିବାରୁ ସେ କହିଛନ୍ତି, ବାଦାମ ଚାଷରେ କଳାମୁଣ୍ଡି ପୋକ ଲାଗିଥିବା ଅଭିଯୋଗ ଆସୁଛି। ତା'ର ପ୍ରତିକାର ପାଇଁ ଚାଷୀଙ୍କୁ ଉପାୟ ବତାଯାଇଛି। ରସୁଲପୁର ପଞ୍ଚାୟତର କେତେଜଣ ଚାଷୀଙ୍କ ଅଭିଯୋଗ ଆଧାରରେ ଗ୍ରାମ୍ୟ କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବାଦାମ ଚାଷ ବୀମାଭୁକ୍ତ ଫସଲ। ପ୍ରତ୍ୟେକ ପଞ୍ଚାୟତକୁ ଏକ ୟୁନିଟ୍ ଭାବରେ ଗ୍ରହଣ କରାଯାଉଛି। ପଞ୍ଚାୟତର କ୍ଷୟକ୍ଷତି ପରିମାଣକୁ ଆକଳନ କରାଯାଇ ଦେଖାଯିବ ତାହା ବୀମାରାଶି ପରିସୀମା ମଧ୍ୟକୁ ଆସିପାରୁଛି କି ନାହିଁ। ଯଦି ସେଭଳି କିଛି କ୍ଷୟକ୍ଷତି ହୋଇଥାଏ ତେବେ କ୍ଷୟକ୍ଷତିର ଭରଣା କରାଯାଇପାରିବ। ନଚେତ୍ ରବିଋତୁ ଫସଲ ପାଇଁ କୌଣସି ସବସିଡ୍‌ଯୁକ୍ତ ସ୍କିମରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସାମିଲ କରାଯାଇ କ୍ଷତି ଭରଣା କରିବାକୁ ପ୍ରୟାସ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।



ବାଦାମ କ୍ଷେତରେ ଜଣେ ଚାଷୀ।



ବାଦାମ ଗଛରେ ହୋଇଥିବା କଳାମୁଣ୍ଡି ପୋକ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ରାଜନଗର, ୮।୧ (ଭାସ୍କର ରାଉତରାୟ)


ବିଡିଓ ତିଳୋତ୍ତମା ପୃଷ୍ଟି, ଏଏସ୍‌ପି ସୁଧାକର ସାହୁ ଆନ୍ଦୋଳନରତ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଆଲୋଚନା କରୁଛନ୍ତି।

## ମହିଳା ବିଡିଓଙ୍କୁ କାର୍ଯ୍ୟାଳୟରେ ଭାଜପା ନେତାଙ୍କ ଆକ୍ରମଣ ଉଦ୍ୟମ ଘଟଣା

## ୬ଦିନ ପରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଲେ ବିଡିଓ

ରାଜନଗର ବ୍ଲକ୍‌ର ମହିଳା ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସଂଘବଦ୍ଧ ଭାବେ ଘେରିବା ଓ ଲାପ୍‌ଟପ୍ ଉଠାଇ ମାରିବାକୁ ଭାଜପା ନେତାଙ୍କ ଉଦ୍ୟମ ଘଟଣାରେ ବ୍ଲକ୍‌ରେ ଲାଗି ରହିଥିବା ଅଚଳାବସ୍ଥା ଗୁରୁବାର ଦୂରହୋଇଛି। ୬ ଦିନ ଧରି ବିଡିଓ ଅନୁପସ୍ଥିତ ରହିବା ପରେ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓ ତିଳୋତ୍ତମା ପୃଷ୍ଟିଙ୍କ ଅନୁରୋଧ ଓ ଅତିରିକ୍ତ ଏସ୍‌ପି ସୁଧାକର ସାହୁଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନକାରୀ ବ୍ଲକ୍ କାର୍ଯ୍ୟାଳୟରେ ତାଲା ଖୋଲିବା ସହ ଆନ୍ଦୋଳନରୁ ଓହରିଛନ୍ତି। ୭ ଦିନ ଭିତରେ ମହିଳା ବିଡିଓଙ୍କୁ ମାଡ଼ ମାରିବାକୁ ଉଦ୍ୟମ କରିଥିବା ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ୧୬ ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ସକାଳେ ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଓ କର୍ମୀମାନେ ବ୍ଲକ କାର୍ଯ୍ୟାଳୟରେ ଧାରଣରେ ବସି ରହିଥିଲେ। ବ୍ଲକ୍ କାର୍ଯ୍ୟାଳୟରେ ତାଲା ଝୁଲୁଥିଲା। କର୍ମଚାରୀମାନେ କାର୍ଯ୍ୟାଳୟ ବନ୍ଦ ଥିବାରୁ ବାହାରେ ବୁଲୁଥିଲେ। ଅପରାହ୍ନ ୧ ଟାରେ ବିଡିଓ ପୃଷ୍ଟି, ଅତିରିକ୍ତ ଏସ୍‌ପି ସାହୁ ବ୍ଲକ କ୍ୟାମ୍ପସରେ ପହଞ୍ଚିଥିଲେ। ଆନ୍ଦୋଳନକାରୀଙ୍କୁ ବିଡିଓ ଧାରଣରୁ ଉଠିଯିବାକୁ ଅନୁରୋଧ କରିଥିଲେ। ଅତିରିକ୍ତ ଏସ୍‌ପି ବୁଧବାର ବିଧାୟକ, ଜିଲାପାଳ, ଏସ୍‌ପିଙ୍କ ସହିତ ବୈଠକ କରିଥିଲେ। ବୈଠକରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ବ୍ଲକ୍‌ରେ ସ୍ଥିରତା ଫେରିବ ବୋଲି ଜିଲାପାଳ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଆନ୍ଦୋଳନରୁ ଓହରିଯିବାକୁ ଅନୁରୋଧ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି, ବିଡିଓ, ସରପଞ୍ଚ, ସମିତି ସଭ୍ୟମାନେ ଆଲୋଚନା କରିଥିଲେ। ଆଲୋଚନା ପରେ ଅଭିଯୁକ୍ତଙ୍କୁ ନିଶ୍ଚିନ୍ତ ଗିରଫ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଆନ୍ଦୋଳନକାରୀଙ୍କୁ କହିଥିଲେ। ଏହାପରେ ଆନ୍ଦୋଳନକାରୀ ବ୍ଲକ କାର୍ଯ୍ୟାଳୟରୁ ତାଲା ଖୋଲିବା ସହ ଆନ୍ଦୋଳନରୁ ଓହରିଯାଇଛନ୍ତି। ମହିଳା ବିଡିଓଙ୍କୁ ମାଡ଼ ଉଦ୍ୟମ ଘଟଣାରେ ୬ ଦିନ ହେଲା ବ୍ଲକ୍ ଅଫିସ୍ ସମ୍ପୂର୍ଣ୍ଣ ଅଚଳ ହୋଇପଡିଥିଲା।

ରାଜନଗର ନିର୍ବାଚନମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରାଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ୨ ତାରିଖ ମଧ୍ୟାହ୍ନ ସାଢେ ୧୨ଟାରେ ରାଜନଗର ବିଡିଓ ତିଳୋତ୍ତମା ପୃଷ୍ଟିଙ୍କ କାର୍ଯ୍ୟାଳୟରେ ପଶି ଧମକ ଦେବା ସହ ମାରିବାକୁ ଉଦ୍ୟମ କରିଥିଲେ। ବିଡିଓଙ୍କୁ ସରକାରୀ ଅନିୟମିତତା କାର୍ଯ୍ୟ କରିବାକୁ ବାଧ୍ୟ କରିଥିଲେ। ବିଡିଓ ମନାକରିବାରୁ ପ୍ରଥମେ ଲଳିତଙ୍କ ସହ ଯାଇଥିବା କର୍ମୀମାନେ ବିଡିଓଙ୍କୁ ଦୁର୍ବ୍ୟବହାର କରିଥିଲେ। ବିଡିଓ ଏହାର ପ୍ରତିବାଦ କରିବାରୁ ଭାଜପା ନେତା ଲଳିତ ବିଡିଓ ସରକାରୀ କାମ କରୁଥିବା ଲାପ୍‌ଟପ୍‌କୁ ଟାଣି ଆଣି ବିଡିଓଙ୍କ ଉପରକୁ ଫୋପାଡିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ସହ ଥିବା ଅନ୍ୟ କର୍ମୀମାନେ ଲାପ୍‌ଟପ୍ ଛଡାଇ ଆଣିବାରୁ ବିଡିଓ ରକ୍ଷା ପାଇ ଯାଇଥିଲେ।

# ରାଜକିଶୋର ସ୍ମାରକୀ କ୍ରିକେଟ୍: କେନ୍ଦ୍ରାପଡ଼ା ଚାମ୍ପିୟନ


ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ମାର୍ଶାଘାଇ, ୮।୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଧନିଆପଡ଼ା ବିଏମ୍‌ସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୧୪ତମ ବାର୍ଷିକ ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ାର ଏନ୍‌ସିସି ଟିମ ଜଗତ୍‌ସିଂହପୁର ରାହାମାର ନ୍ୟୁ ଏଚ୍‌ପିସି ଟିମ୍‌କୁ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚରେ ନ୍ୟୁ ଏଚ୍‌ପିସି ରାହାମା ଟିମ ନିର୍ଦ୍ଧାରିତ ୧୦ ଓଭରରେ ୯୮ ରନ କରିଥିଲା। ଜବାବରେ ଏନ୍‌ସିସି କେନ୍ଦ୍ରାପଡ଼ା ୮ଓଭର ୫ ବଲରେ ଆବଶ୍ୟକୀୟ ୯୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ୮ ଓଭର ବିଶିଷ୍ଟ ହୋଇଥିଲା। ଟସ୍ ଜିତି ରାହାମା ଟିମ୍ ୫୭ ରନ କରିଥିବାବେଳେ ଏହି ମ୍ୟାଚକୁ ଏନ୍‌ସିସି କେନ୍ଦ୍ରାପଡ଼ା ଟିମ୍ ୫ ଓଭରରେ ୬୦ ରନକରି ବିଜୟୀ ହୋଇଥିଲା। ୩ ପର୍ଯ୍ୟାୟ ବିଶିଷ୍ଟ ଏହି ଫାଇନାଲ ମ୍ୟାଚରେ ୨-୦ ରେ କେନ୍ଦ୍ରାପଡ଼ା ଟିମ ବିଜୟୀ ହୋଇ ଚଳିତବର୍ଷର ଚାମ୍ପିୟନ ହୋଇଛି। ଅମ୍ପାୟର ଭାବେ ପ୍ରତାପ ମଲିକ, ସୌମ୍ୟ ମଲିକ, ଘୋଷକ ଭାବେ ରଞ୍ଜନ କୁମାର ଦାସ, ଶାରଦା ମହାନ୍ତି, ଆସିଫ ଅଲି ଏବଂ ସ୍କୋରର ବାପି ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଚାମ୍ପିୟନ ଟିମ୍ ଟ୍ରଫି ସହିତ ନଗଦ ୪୪,୪୪୪ ଟଙ୍କା ଏବଂ ରନର ଅପ୍ ଟିମ୍‌କୁ ଟ୍ରଫି ସହ ନଗଦ ୩୩,୩୩୩ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପାରାଦୀପର ଶ୍ରମିକ ନେତା ରାକେଶ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ, ଭଗବାନ ସ୍ୱାଇଁ, ସିନେ ଆର୍ଟିଷ୍ଟ ସୋହମ ସିଂ, ସିନେ ଆର୍ଟିଷ୍ଟ ବିଦ୍ୟା ମହାନ୍ତି, ସୋମୁ ଭାଇ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଟୀରେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସଂଯୋଜକ ଅଜୟ ବେହେରା, ବିଜୟ ବେହେରା, ସଞ୍ଜୟ ବେହେରା ଏବଂ ସାଜନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳକୁ ଧନିଆପଡ଼ା ବିଏମ୍‌ସିସିର ସଭାପତି ନିହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ତୋଫାନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଶେଷରେ ଭୁଲ୍ ମାଗିଲେ ଭାଜପା ନେତା ଲଳିତ ବେହେରା

କେନ୍ଦ୍ରାପଡ଼ା, ୮।୧ (ଜଗନ୍ନାଥ ଧଳ)

## ରାଜନଗର ବିଡିଓଙ୍କୁ ଆକ୍ରମଣ ଉଦ୍ୟମ ଘଟଣା



ଖବରଦାତା ସମ୍ମିଳନୀରେ ଭାଜପା ନେତା।

ରାଜନଗର ବିଡିଓ ତିଳୋତମା ପୃଷ୍ଟିଙ୍କୁ ଗତ ୨ ତାରିଖରେ ଭାଜପା ନେତା ଲଳିତ ବେହେରା ଟେବୁଲ ଉପରେ ଥିବା ଲାପ୍‌ଟପ୍‌ର ଉଠାଇ ଆକ୍ରମଣ ଉଦ୍ୟମ କରିଥିଲେ। ଫଳରେ ଗତ ୭ ତାରିଖ ପର୍ଯ୍ୟନ୍ତ ବିଡିଓ ପୃଷ୍ଟି କାର୍ଯ୍ୟରେ ଯୋଗ ନ ଦେବା, ବ୍ଲକ ଅଧ୍ୟକ୍ଷାଙ୍କ ନେତୃତ୍ୱରେ କାର୍ଯ୍ୟାଳୟରେ ତାଲା ବନ୍ଦ ଓ ଆନ୍ଦୋଳନ ସହ ବିଜେଡି ପକ୍ଷରୁ ଭାଜପା ନେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ ପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଶେଷରେ ଭାଜପା ନେତା ବେହେରା ଏ ନେଇ ଦୁଃଖ ପ୍ରକାଶ କରିବା ସହ ପୁର୍ନବାର ଏପରି ଘଟଣା ହେବ ନାହିଁ ବୋଲି କହିବା ପରେ କାର୍ଯ୍ୟାଳୟରେ ବିଡିଓ ପୃଷ୍ଟି ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି।

ଏ ସମ୍ପର୍କରେ ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ସହର ଗରାପୁରସ୍ଥିତ ସ୍ୱୟଂସିଦ୍ଧା ମଣ୍ଡପରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଜିଲା ସଭାପତି ସେଠୀ, ରାଜନଗର ଭାଜପା ନେତା ବେହେରା, ପୂର୍ବତନ ଜିଲା ସଭାପତି କିଶୋର ପଣ୍ଡା, ବରିଷ୍ଠ ନେତା ସୁନାକର ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଭାଜପା ସଭାପତି ସେଠୀ କହିଥିଲେ, ରାଜ୍ୟ ସରକାର ଇତିମଧ୍ୟରେ ବଦଳିଛି। ମାତ୍ର ସେଠାରେ ପିସି କାରବାର ଅଦ୍ୟାବଧି ବନ୍ଦ ହୋଇନାହିଁ। ଏହାକୁ ବିରୋଧ କରାଯାଇଥିଲା। ତେବେ ବିରୋଧ ପାଇଁ ଆକ୍ରମଣାତ୍ମକ ଭୂମିକା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ଲଳିତ କହିଥିଲେ, ଗତ ୨ ତାରିଖରେ ସେ ବିଡିଓଙ୍କୁ ନୂଆବର୍ଷ ଅଭିନନ୍ଦନ ଜଣାଇବାକୁ ଯାଇଥିଲେ। ଏଥିସହ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବାକୁ ଚାହିଁଥିଲେ। ତେବେ ବିଡିଓ ପୃଷ୍ଟି କାର୍ଯ୍ୟବ୍ୟସ୍ତତା ପାଇଁ ଏଥିରେ ଆଗ୍ରହ ପ୍ରକାଶ କରି ନ ଥିଲେ। ଫଳରେ ଲାପ୍‌ଟପ୍ ଫୋପାଡିବା ପାଇଁ ଉଦ୍ୟମ ପରି ଘଟଣା ହୋଇଛି। ଯାହା ଆଦୌ ଶୋଭନୀୟ ନୁହେଁ। ଏହି ଘଟଣା ପରେ ବ୍ଲକ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏଥିସହ ସେ କହିଛନ୍ତି, ବ୍ଲକ କାର୍ଯ୍ୟ ସୂଚାରୁରୂପେ ଚଳାଇବା ପାଇଁ ଜିଲାପାଳଙ୍କୁ ଜିଲା ଭାଜପା ପକ୍ଷରୁ ଅନୁରୋଧ କରାଯାଇଛି। ବିଡିଓ ପୃଷ୍ଟି କାର୍ଯ୍ୟରେ ଯୋଗଦେବା ସହ ବ୍ଲକ ଅଧ୍ୟକ୍ଷାଙ୍କ ସହ ଆନ୍ଦୋଳନକାରୀ ଜନ ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି।

# ରାଜ୍ୟ ନିର୍ବାଚନ କମିଶନଙ୍କ ଆସନ୍ତା ନିର୍ବାଚନୀ ସମୀକ୍ଷା

କେନ୍ଦ୍ରାପଡା, ୮।୧ (ଜଗନ୍ନାଥ ଧଳ)

ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ ନିର୍ବାଚନ ୨୦୨୭ରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କେନ୍ଦ୍ରାପଡ଼ା ଜିଲା ଗୁରୁବାର ଗସ୍ତ କରି ଏହାର ପରିଚାଳନା ଅଗ୍ରଗତି ସମ୍ପର୍କରେ ପ୍ରଶାସନିକସ୍ତରରେ ସୀକ୍ଷା କରିଛନ୍ତି । ବାଲଟ ବକ୍ସ ମହଜୁଦ, ଏହାର ସ୍ଥିତି, ଜିଲାର ଜନସଂଖ୍ୟା ପରିସଂଖ୍ୟାନ, ଅସ୍ଥାୟୀ ବୁଥ, ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ, ଘର ସର୍ଭେ, ପ୍ରାର୍ଥୀ ସଂରକ୍ଷଣ କ୍ଷେତ୍ର ତାଲିକା, ଭୋଟର ତାଲିକା ଆଦିର କମିଶନର ପାଢ଼ୀ ସମୀକ୍ଷା କରିଥିଲେ । ଏଥିସହିତ ଜିଲାପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲାପାଳ ରଘୁରାମ ଆର ଆୟାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଉପ ଜିଲାପାଳ ଅରୁଣ କୁମାର ନାୟକ, ଜିଲା ପଞ୍ଚାୟତ ଅଧିକାରୀ ରମେଶ ପଣ୍ଡାଙ୍କ ସମେତ ଜିଲାର ବହୁ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ।

# ବିପଦ ସୃଷ୍ଟି କରୁଛି ବେଆଇନ ବିଜ୍ଞାପନ, ଅଭିନନ୍ଦନ ହୋର୍ଡିଂ

ପଟ୍ଟାମୁଣ୍ଡାଇ, ୮।୧ (କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇଠାରେ ରାଜପଥ କ୍ରସିଂ ସ୍ୱାଗତ ହୋର୍ଡିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

## ■ ପଟ୍ଟାମୁଣ୍ଡାଇ ସହରରେ ଶତାଧିକ ପ୍ଲାଷ୍ଟିକ ହୋର୍ଡିଂ ଗେଟ
## ■ ବର୍ଜ୍ୟରେ ପରିଣତ ହୋଇ ବଢୁଛି ପ୍ରଦୂଷଣ

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ରାସ୍ତାଘାଟ, ବିଦ୍ୟୁତ୍ ଖୁଣ୍ଟରେ ବେଆଇନ ବିଜ୍ଞାପନ ଓ ଅଭିନନ୍ଦନ ପ୍ଲାଷ୍ଟିକ ହୋର୍ଡିଂ ଗେଟ ଚିନ୍ତାର କାରଣ ପାଲଟିଛି। ଏ ନେଇ ଟ୍ରାଫିକ ସମସ୍ୟା ଉପୁଜିବା ସହ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ନିରୀହ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ବଢୁଛି। ଜାତୀୟ ରାଜପଥରେ ମାସମାସ ଧରି ବ୍ୟାନର ଗେଟ୍ ହୋଇଥିବାରୁ ବସ୍ ଓ ଭାରିଯାନ ଚଳାଚଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷକୁ ବର୍ଷ ପ୍ଲାଷ୍ଟିକ ହୋର୍ଡିଂ ବ୍ୟବହାର ଯୋଗୁ ପ୍ରଦୂଷଣ ମଧ୍ୟ ବଢୁଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଅବମାନନା କରି ସହରରେ ନୂଆବର୍ଷ ଅଭିନନ୍ଦନ ଆଳରେ ରାଜନୈତିକ ଦଳର ଛାମୁଆଁ ନେତା ମନଇଚ୍ଛା ହୋର୍ଡିଂ ଲଗାଇଛନ୍ତି। ଏଭଳି ସମସ୍ୟାକୁ ନେଇ ଜନସାଧରଣ ଅଭିଯୋଗ ଉଠାଉଥିଲେ ମଧ୍ୟ ପୌର ପ୍ରଶାସନ ସ୍ଥାଣୁ ପାଲଟିଛି ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ କହିଛନ୍ତି, ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଓ ଏନ୍‌ଜିଟି ନିର୍ଦ୍ଦେଶକୁ ଅବମାନନା କରି କେତେକ ରାଜନୈତିକ ଦଳ ଜିଲାରେ ପୂଜାପର୍ବ, ନୂଆବର୍ଷ ଅଭିନନ୍ଦନ ପାଇଁ ବର୍ଷକୁ ବର୍ଷ ବେଆଇନ ପ୍ଲାଷ୍ଟିକ୍ ହୋର୍ଡିଂ, ବ୍ୟାନରଗୁଡ଼ିକ ବ୍ୟବହାର କରୁଛନ୍ତି। ପରେ ସେଗୁଡିକୁ ଚିରି ରାସ୍ତା ପାର୍ଶ୍ୱକୁ ଫିଙ୍ଗି ଦେଇ ନୂଆ ବ୍ୟାନର ଲଗାଇ ଦେଉଛନ୍ତି। ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ପୋଷ୍ଟର, ବ୍ୟାନର, ହୋର୍ଡିଂ ବ୍ୟବହୃତ ପରେ ତାହା ବର୍ଜ୍ୟରେ ପରିଣତ ହେଉଛି, ଯାହାକି ପରିବେଶ ପାଇଁ ଅତ୍ୟନ୍ତ ହାନିକାରକ ହୋଇ ପରିବେଶ ପ୍ରଦୂଷଣ ବଢାଉଛି। ନଦୀ, ସମୁଦ୍ର ଏବଂ ବାୟୁମଣ୍ଡଳରେ ପ୍ଲାଷ୍ଟିକ୍ ଅପଚୟ ବ୍ୟାପିବାରେ ଲାଗିଛି। ତେଣୁ, ପ୍ଲାଷ୍ଟିକ୍ ଅପଚୟକୁ ଏକ ବିଶ୍ୱ ବିପର୍ଯ୍ୟୟ କହିବା ଭୁଲ୍ ହେବ ନାହିଁ। ଅନ୍ୟପକ୍ଷରେ ଏହି ଅଭିନନ୍ଦନ ଗେଟଗୁଡିକ ନିରାପଦ ଯାତାୟାତରେ ବାଧା ସୃଷ୍ଟି କରି ବିପଦରେ ପକାଉଛି। ବଜାର ଓ ରାଜ୍ୟ ରାସ୍ତାକୁ ମଡାଇ ଅଭିନନ୍ଦନ ଗେଟ ହୋଇଥିବାରୁ ପରିବହନରେ ବାଧା ସୃଷ୍ଟି କରୁଛି। ରାତିରେ ହୋର୍ଡିଂ ଉପରେ ଗାଡ଼ିର ଆଲୋକ ଅଧିକ ରିଫ୍ଲେକ୍ଟ କରୁଛି, ଯାହାଦ୍ୱାରା ଗାଡ଼ି ଚଲାଇବା କଷ୍ଟକର ହେଉଛି। ବାଉଁଶ ପୋତି, ହୋର୍ଡିଂ ଗେଟ ବାନ୍ଧି ଦେଉଛନ୍ତି। ବର୍ଷା ପବନ ହେଲେ ବାଉଁଶ ପଡ଼ି ଲୋକେ ଆହତ ହେଉଛନ୍ତି। ବେଆଇନ, ଅନଧିକୃତ କିମ୍ବା ବିପଦପୂର୍ଣ୍ଣ ହୋର୍ଡିଂଗୁଡ଼ିକୁ ଅପସାରଣ କରିବାକୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ ପଟ୍ଟାମୁଣ୍ଡାଇରେ ଅବମାନନା ହେଉଥିବାବେଳେ କେନ୍ଦ୍ରାପଡ଼ା ଜିଲାର ସମସ୍ତ ଅଞ୍ଚଳରେ ଗଦାଗଦା ପ୍ଲାଷ୍ଟିକ ବ୍ୟାନର ଓ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳୁଛି। ବୁଦ୍ଧିଜୀବୀ ରବୀନ୍ଦ୍ର ଭଞ୍ଜ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବହୁ ପରିମାଣରେ ବେଆଇନ ହୋର୍ଡିଂ ଲାଗିଛି। ପୌରପାଳିକା ଓ ସ୍ଥାନୀୟ ଥାନାରୁ ଅନୁମତି ଆଧାରରେ ସହର ଭିତରେ ହୋର୍ଡିଂ ଲାଗିବା କଥା। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଯେଉଁ ହୋର୍ଡିଂ ବେଆଇନ ଭାବେ ଲାଗିଛି ସେସବୁରୁ ଯଦି ଫାଇନ ଆଦାୟ କରାଯାଆନ୍ତା କିମ୍ବା ନୋଟିସ ହେବା ସହ କାର୍ଯ୍ୟାନୁଷ୍ଠାନ ନିଆଯାଆନ୍ତା ତେବେ ଭୟ ରୁହନ୍ତା। ହୋର୍ଡିଂ ଲଗାଇବାରେ ସରକାରୀ ଗାଇଡ୍‌ଲାଇନର ପାଳନ ହେଉ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ସାମାଜିକକର୍ମୀ ଅମିତାଭ ସ୍ୱାଇଁ କହିଛନ୍ତି, ପୌରପାଳିକା ନିୟମ ଅନୁଯାୟୀ କେତେ ଜାଗାରେ କେତେ ମାପରେ ଜଣେ ହୋର୍ଡିଂ ଲଗାଇ ପାରିବ ତାହା ନିର୍ଦ୍ଧାରଣ କରାଯାଇଥାଏ। କ୍ରସ ରୋଡ ଗେଟରେ ଏହାକୁ ଲଗାଇବା ମନା। ପଟ୍ଟାମୁଣ୍ଡାଇ ସହର ଭିତରେ ଯେଉଁଠି ବି କ୍ରସ ରୋଡ ଗେଟ ଅଛି ସେସବୁ ରାଜନୈତିକ ଦଳ ଦ୍ୱାରା ହିଁ କରାଯାଇଛି। ଦଳର କର୍ମକର୍ତ୍ତା ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ। ଏ ନେଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କୁ ପଚାରିବାରେ ପୌର ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଅବଗତ କରାଯାଇଛି। ଏଥିପ୍ରତି କର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଲିପୁନ୍


@ ଅର୍ଜୁନ


@ ଗୁଡୁ


@ ବିଶ୍ୱନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁନର୍ବାସ ପକ୍ଷରୁ ସାଂସ୍କୃତିକ ଉତ୍ସବ ଅଭିନ୍ନ


ଉତ୍ସବରେ ଭିନ୍ନକ୍ଷମ ଶିଶୁଙ୍କୁ ପୁରସ୍କୃତ କରାଯାଉଛି।

କେନ୍ଦ୍ରାପଡ଼ା, ୮।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଭିନ୍ନକ୍ଷମଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତୀକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ସାଂସ୍କୃତିକ ଉତ୍ସବ ଅଭିନ୍ନ ସହରର ମାଧପୁରସ୍ଥିତ ଅମର ଉଦ୍ୟାନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଶିଶୁ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ଏହି ଉତ୍ସବରେ ଚିତ୍ର, ସଙ୍ଗୀତ ଓ ନୃତ୍ୟ ସହ ଶିଶୁଙ୍କ ମା'ମାନଙ୍କ ମଧ୍ୟରେ ଦୌଡ଼, ଉଗଡମାଳି ଓ ଚକ୍ଷୁ ପଟଳି ପରି ଏକାଧିକ ବିଭାଗରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୈନିକ ଜୀବନଚର୍ଯ୍ୟାରେ ସାମାନ୍ୟ ଆନନ୍ଦଭରା ବିବିଧତା ଓ ଜୀବନ ପ୍ରତି ଉତ୍ସାହ ସୃଷ୍ଟି ନିମନ୍ତେ ଅଭିନ୍ନ ପରି ଏକ ସମ୍ମିଳିତ ସାଂସ୍କୃତିକ ଉତ୍ସବର ପରିକଳ୍ପନା ବୋଲି ପୁନର୍ବାସର ପ୍ରତିଷ୍ଠାତା ବିରଜା ରାଉତରାୟ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଭିନ୍ନ ଭିନ୍ନ ବର୍ଗର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ଶିଶୁ ହିତାଧିକାରୀ, ଅଭିଭାବକମାନେ ଅଂଶଗ୍ରହଣ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଗବେଷକ ଗୋଲକ ବିହାରୀ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ କୃତିତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗ ପ୍ରତିଯୋଗୀ ଶିଶୁ ଏବଂ ସେମାନଙ୍କ ମା'ମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠିତ ହୋଇଥିବା ସମସ୍ତ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୁନର୍ବାସର ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା, କୀର୍ତ୍ତି ଦାଶ, ସାଇଶ୍ରୀତା ମେକାପ, ସୌମ୍ୟରଞ୍ଜନ ଦାସ, ସଞ୍ଜୀବ କୁମାର ଜେନା, ରାଜେନ୍ଦ୍ର ମହାପାତ୍ର, କେଦାରନାଥ ବାରିକ, ଧରଣୀଧର ସେଠୀ, ଶିବାନୀ ପ୍ରିୟଦର୍ଶିନୀ ଭୋଳ, ମିହିର ରଞ୍ଜନ ବାରିକ, ରଞ୍ଜନ ସ୍ୱାଇଁ, ପ୍ରଭାତ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସଭ୍ୟ ମହମ୍ମଦ୍ ଜାହିଦ୍ ଖାନ୍, ଜ୍ୟୋତିରଞ୍ଜନ ନାୟକ, ଶେଷଦେବ ପ୍ରସାଦ ଦାସ, ସଞ୍ଜୟ କୁମାର ଜେନା, କ୍ଷୀରୋଦ କର ପ୍ରମୁଖ ଉପସ୍ଥିତ ଥାଇ ଦିବ୍ୟାଙ୍ଗ ଶିଶୁଙ୍କୁ ଉତ୍ସାହିତ କରିଥିଲେ।

# ବଦଳିବ ନୟାଗଡ଼ ସହରର ରୂପରେଖ

## ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛତା ପାଇଁ ଜିଲାପାଳଙ୍କ ସମୀକ୍ଷା

- ପରିଦର୍ଶନ କଲେ ନୂଆବସ୍‌ଷ୍ଟାଣ୍ଡ, ଜିଲା ମୁଖ୍ୟ ଚିକିତ୍ସାଳୟ
- ନୂଆ ବସ୍‌ଷ୍ଟାଣ୍ଡକୁ ବସ୍ ନ ଗଲେ ହେବ କାର୍ଯ୍ୟାନୁଷ୍ଠାନ
- ସହରର ଏଣେତେଣେ ମାଛ ବିକ୍ରିକୁ ବାରଣ
- ରାସ୍ତାକଡ଼ରୁ ଅସ୍ଥାୟୀ ଦୋକାନ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ


ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସ୍ଥିତି ଦେଖୁଛନ୍ତି।

ନୟାଗଡ,୮।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାର ସୌନ୍ଦର୍ଯ୍ୟକରଣ ଓ ସ୍ୱଚ୍ଛତା ପାଇଁ ଜିଲାପାଳ ମଧୁମିତା ରଥ ସମୀକ୍ଷା କରିବା ସହ ଅଚାନକ ଗୁରୁବାର ପୂର୍ବାହ୍ନରେ ନୟାଗଡ଼ ନୂଆବସ୍‌ଷ୍ଟାଣ୍ଡ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। କ'ଣ କରାଗଲେ ଜିଲା ସଦର ମହକୁମାର ରୂପ ବଦଳିବ ସେନେଇ ଆଲୋଚନା କରି ପଦକ୍ଷେପ ନେଇଛନ୍ତି। ଜିଲାପାଳଙ୍କ ଉଦ୍ୟମ ସଫଳ ହେଲେ ନୟାଗଡ଼ ଜିଲା ସଦର ମହକୁମାର ରୂପ ବଦଳିଯିବ ବୋଲି କୁହାଯାଉଛି । ଏହି ଅବସରରେ ଜିଲାପାଳ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ସହରକୁ ଠିକ୍ ଭାବେ ସଫେଇ କରିବା, ନାଳ ନର୍ଦ୍ଦମାକୁ ପରିଷ୍କାର ରଖିବା,ଏଣେତେଣେ ମାଛ ନ ବିକ୍ରି କରିବାକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପନିପରିବା ଦୋକାନ ସହ ରାସ୍ତା କଡରୁ ଅସ୍ଥାୟୀ ଦୋକାନକୁ ହଟାଇବାକୁ ପରାମର୍ଶ ଦେଇଛନ୍ତି । ବସ୍‌ଗୁଡିକ ବଲାଙ୍ଗୀର -ଖୋର୍ଦ୍ଧା ୫୭ ନଂ ଜାତୀୟ ରାଜପଥରେ ନ ରହି ନୂଆ ବସ୍‌ଷ୍ଟାଣ୍ଡ, ବସ୍ ରହଣି ସ୍ଥଳରେ ରହିବାକୁ ପରାମର୍ଶ ଦେଇଥିଲେ। ଯେଉଁ ବସ୍ ସରକାରୀ ନିର୍ଦ୍ଦେଶ ଅଣଦେଖା କରିବ ଆଇନ ଅନୁସାରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ପୁଣି ସବୁ ବସ୍ ନୂଆ ବସ୍‌ଷ୍ଟାଣ୍ଡକୁ ଯିବାକୁ ବାଧ୍ୟତାମୂଳକ କରାଯାଇଛି । ମାଛ ମାର୍କେଟ ଥିବାବେଳେ ସହରର ବିଭିନ୍ନ ସ୍ଥାନରେ ମାଛ ବିକ୍ରି କରା ଯାଉଛି । ପ୍ରଶାସନ ପକ୍ଷରୁ ଏହା ଉପରେ ଲଗାମ ଲଗାଇବାକୁ ନିଷ୍ପତି ନିଆଯାଇଛି। ସହରର ଏଣେତେଣେ ମାଛ ବିକ୍ରି କରୁଥିବା ବ୍ୟବସାୟୀଙ୍କଠାରୁ ଫାଇନ ଆଦାୟ ହେବ। ଏପରିକି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ମାଛ ବିକ୍ରି କରୁଥିବା ବ୍ୟବସାୟୀଙ୍କ ମାଛକୁ ନଷ୍ଟ କରି ଦିଆଯିବ । ମ୍ୟୁନିସିପାଲିଟି ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ପାଇଁ ଏକ ଗାଡି ବ୍ୟବସ୍ଥା କରାଯାଇଛି । ଶୁକ୍ରବାରଠାରୁ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ତାର କାର୍ଯ୍ୟ ଆରମ୍ଭ କରିବାକୁ ମ୍ୟୁନିସିପାଲିଟି ପକ୍ଷରୁ ନିଷ୍ପତି ହୋଇଛି । ସେହିଭଳି ସହରର ରାସ୍ତାକଡରେ ପନିପରିବା ବ୍ୟବସାୟୀ ଓ ଅସ୍ଥାୟୀ ଦୋକାନ ଆଉ ରହିବନି । ରାସ୍ତାକଡର ଦୋକାନୀଙ୍କୁ ଉଚ୍ଛେଦ କରାଯାଇ ଅନ୍ୟତ୍ର ଥଇଥାନ କରାଯିବ। ଜିଲାପାଳଙ୍କ ଅଫିସଠାରୁ ଗୋଲେଇ ଟ୍ରାଫିକ ଛକ, ନୟାଗଡ଼ କଲେଜ ଉଠାଣିଠାରୁ ଲେମ୍ଭୁ ଛକ, ନୟାଗଡ଼ ଗୋଲେଇ ଟ୍ରାଫିକ ଛକରୁ ଖଣ୍ଡପଡା ରାସ୍ତାର ରାଧାକୃଷ୍ଣ ସିନେମା ହଲ ପର୍ଯ୍ୟନ୍ତ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯିବ । ପୁଣି ରାସ୍ତା ଉପରକୁ ମଡାଇ ଦୋକାନୀମାନେ ଆଉ ଜିନିଷ ରଖିଲେ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ସୁଧାରିବାକୁ ଜିଲା ପ୍ରଶାସନ ପଦକ୍ଷେପ ନେଇଥିବାବେଳେ ମ୍ୟୁନିସିପାଲିଟି, ପୋଲିସ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ତହସିଲ ପରି ଆନୁସଙ୍ଗିକ ବିଭାଗ ପକ୍ଷରୁ ଏହାକୁ କାର୍ଯ୍ୟକାରୀ କରାଯିବ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗୀ କିପରି ସେବା ପାଉଛନ୍ତି କଣ କରାଗଲେ ଭଲ ସେବା ମିଳିପାରିବ ଜିଲାପାଳ ଆଲୋଚନା କରିଥିଲେ। ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ବିଜୟାନନ୍ଦ ନାୟକ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ତହସିଲଦାର ରାଜେଶ ସ୍ୱାଇଁ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଏମ୍‌ଭିଆଇ, ସିଡିଏମ୍‌ଓ, ଜିଲା ମୁଖ୍ୟ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଉପସ୍ଥିତ ଥିଲେ ।

ପିଣ୍ଟୁ ମାଝି ହତ୍ୟା ଘଟଣା

## ମୁଖ୍ୟ ଅଭିଯୁକ୍ତ ଗଲେ ଜେଲ

ନୟାଗଡ଼,୮।୧(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଘଡୁଆଳ ପଞ୍ଚାୟତ ବୃନ୍ଦାବନପୁର ଗାଁରେ ପିଣ୍ଟୁ ମାଝି (୨୭) ନାମକ ଜଣେ ଯୁବକଙ୍କୁ ମନ୍ଦିରରୁ ଭିଡି ହତ୍ୟା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଧର୍ମେନ୍ଦ୍ର ପରିଡା ଓରଫ ଜଗୁଲି(୩୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଧର୍ମେନ୍ଦ୍ରଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି ।

ଅଭିଯୋଗ ଅନୁସାରେ ବୃନ୍ଦାବନପୁର ଗାଁର କୈଳାସ ମାଝି ଓ ଭିଣୋଇ ଯୁଗଳ ପରିଡାଙ୍କ ମଧ୍ୟରେ ପ୍ରାୟ ୫ ବର୍ଷ ହେଲା ପାରିବାରିକ ବିବାଦ ଥିଲା। ପାରିବାରିକ ବିବାଦକୁ ନେଇ ଭଣଜା ଧର୍ମେନ୍ଦ୍ର ପରିଡା ଓରଫ ଜଗୁଲି କିଛି ଦିନ ମାମୁଁଙ୍କ ଘର ଆଗରେ ଗାଳିଗୁଲଜ ଓ ଶୋଧାବକା କରୁଥିଲେ । ଗତ ନଭେମ୍ବର ୨୨ରେ ଗାଳିଗୁଲଜ ପରେ ମାମୁ ପୁଅ ଭାଇ ପିଣ୍ଟୁ ଧର୍ମେନ୍ଦ୍ରଙ୍କୁ ବିରୋଧ କରି ପ୍ରତିବାଦ କରିଥିଲା । ବିଳମ୍ବିତ ରାତିରେ ପିଣ୍ଟୁ ଗାଁର ଶୁଳିଆ ମନ୍ଦିର ମଣ୍ଡପରେ ବସିଥିବାବେଳେ ପୁଅ ପିଉସା ଯୁଗଳ ପରିଡା, ପିଇସୀ ସଂଯୁକ୍ତା ପରିଡା, ପିଉସା ପୁଅ ଭାଇ ଜଗୁଲି ପରିଡା, ପଇସୀଙ୍କ ନାତି ଆଲ୍ଲା ପରିଡା, ନାତୁଣି ଝୁମୁରି ପରିଡା ମିଳିତ ହୋଇ ଆକ୍ରମଣ କରିଥିଲେ । ପିଣ୍ଟୁଙ୍କୁ ବାଉଁଶରେ ପିଟିଥିବାବେଳେ ହାତୁଡି ଓ ପଥରରେ ଛେଚିଥିଲେ । ଘଟଣାସ୍ଥଳରେ ପିଣ୍ଟୁଙ୍କର ମୃତ୍ୟୁ ହୋଇଥିଲା । ଅଭିଯୋଗ ପରେ ପୋଲିସ ନଂ. ୪୫୩/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା । ଧର୍ମେନ୍ଦ୍ର ଗିରଫ ପରେ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି ।

## ନେପାଳ ଗାଁରେ କ୍ଷୁଦ୍ର ଶସ୍ୟ ଖାଦ୍ୟମେଳା ପ୍ରଦର୍ଶନୀ


ମହିଳାମାନଙ୍କୁ ମୁଗ ଓ ବିରି ବିହନ ବଣ୍ଟନ କରାଯାଉଛି।

ଓଡ଼ଗାଁ, ୮।୧ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ବାଣ୍ଟପୁର ପଞ୍ଚାୟତ ନେପାଳ ଗାଁରେ ଓଡ଼ିଶା ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ କ୍ଷୁଦ୍ରଶସ୍ୟ ଖାଦ୍ୟ ମେଳା ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୟୁକୋ ସଲ୍ୟୁସନର ଦ୍ୱାରା ପ୍ରଦର୍ଶିତ କ୍ଷୁଦ୍ର ଶସ୍ୟ ମାଣ୍ଡିଆରେ ପ୍ରସ୍ତୁତ ଗଜା, ଲଡ୍ଡୁ, ଫେଣି ଏବଂ ସେଓ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରଦର୍ଶନୀକୁ ଛୁଆଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତ ଗ୍ରାମବାସୀ ବୁଲି ଦେଖିବା ସହିତ ତା'ର ସ୍ୱାଦ ପରଖିଥିଲେ। ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା କୃଷି ଅଧିକାରୀ ପବିତ୍ର ମୋହନ ସାହୁ ଏବଂ ପାଣିପଇଲା କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଅନୀଲ କୁମାର ସ୍ୱାଇଁଙ୍କ ଦ୍ୱାରା ଜନଜାତି ମହିଳାମାନଙ୍କୁ ମୁଗ,ବିରି ବିହନ ସହିତ ଗୋଲମରିଚ,ପିପ୍ପଳୀ ଓ ସପୁରୀ ଚାରା ବଣ୍ଟନ କରାଯାଇଥିଲା। ସାମାଜିକର୍ମୀ ଜଗନ୍ନାଥ ଦଳବେହେରାଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ଆମ୍ବ ଓ ଅମୃତଭଣ୍ଡା ଚାରାରୋପଣ କରାଯାଇଥିଲା। ଆଗାମୀ ଦିନରେ ପ୍ରତି ପରିବାରଙ୍କୁ ପାଣିପଇଲା କୃଷି ବିଜ୍ଞାନକେନ୍ଦ୍ରର ସହାୟତାରେ କୁକୁଡ଼ା ଚିଆଁ ଯୋଗାଇଦେବା ନିମନ୍ତେ ବ୍ୟବସ୍ଥା ରହିଛି ବୋଲି ବୈଜ୍ଞାନିକ ସୂଚନା ପ୍ରଦାନ କରିଥିଲେ। ଓଡ଼ଗାଁ ବ୍ଲକ କୃଷି ଅଧିକାରୀ ପ୍ରତିଭା ପ୍ରଧାନ, କୃଷି ଅଧିଦର୍ଶକ ରାମଚନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୟୁକୋ ସଲ୍ୟୁସନର କର୍ମଚାରୀମାନେ ସହଯୋଗ କରିଥିଲେ।

## ନୀଳମାଧବ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ଖଣ୍ଡପଡା,୮।୧(ଅଜୟ କୁମାର ମହାରଣା): ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋର ୪୨ ତମ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ବୁଧବାର ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କଦ୍ୱାରା ନୀଳମାଧବ ଜୀଉଙ୍କ ନିକଟରୁ ଆସିଥିବା କ୍ରୀଡା ଜ୍ୟୋତିକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ନନ୍ଦିତା ବାରିକ, କ୍ରୀଡା ସଂସଦର ମୁଖ୍ୟ ଅଧ୍ୟାପକ ପ୍ରଭାତ କୁମାର ବେହେରା, ମାନଗୋବିନ୍ଦ ରାଉତ, ପ୍ରଶାନ୍ତ କୁମାର ସ୍ୱାଇଁ, କ୍ରୀଡା ଶିକ୍ଷକ ଅଶୋକ କୁମାର ବେହେରା, ଅଧ୍ୟାପିକା କଲ୍ୟାଣୀ ପଣ୍ଡା, ନମିତା ସାହୁ, ପ୍ରୀତମ କୁମାର ପାତ୍ର ଓ ବନମାଳୀ ଦଳେଇଙ୍କ ସମେତ ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ କ୍ରୀଡା ପତାକାକୁ ଅଧ୍ୟକ୍ଷା ଡ. ବାରିକ ଉତ୍ତୋଳନକରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ୧୦୦/ ୨୦୦ ମିଟର ଦୌଡ, ଲମ୍ଫଡ଼ିଆଁ, ଉଚ୍ଚ ଡିଆଁ, ଶର୍ଟ ପୁଟ, ଡିସ୍‌କସ୍ ଥ୍ରୋ ଓ ଜାଭ୍‌ଲିନ୍ ଥ୍ରୋ ଆଦି ପ୍ରତିଯୋଗିତାରେ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଆଗାମୀ କଲେଜ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବୁଧବାର ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ନୀଳମାଧବ ଜୀଉଙ୍କୁ ଦର୍ଶନ କରି ଏକ ମଶାଲ ଶୋଭାଯାତ୍ରାରେ ମହାବିଦ୍ୟାଳୟ କ୍ରୀଡାଙ୍ଗନକୁ ଆସି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ ।

ବାଉଁଶ ଗାଡ଼ିଆ ଛକରେ ସଂଘବଦ୍ଧ ଆକ୍ରମଣ ଘଟଣା

## ଗିରଫ ପରେ ଜେଲ ଗଲେ ଅଭିଯୁକ୍ତ

ଓଡ଼ଗାଁ,୮।୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଭାଡ଼ିକିଲା ପଞ୍ଚାୟତ ରଗଡ଼ିମଡ଼ା ଗାଁର ରବୀନ୍ଦ୍ର ରାଉତ(୩୦)ଙ୍କୁ ବାଉଁଶ ଗାଡ଼ିଆ ଛକରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ସେହି ଗ୍ରାମର ପବିତ୍ର ବିଶ୍ୱାଳ(୪୪)ଙ୍କୁ ଓଡ଼ଗାଁ ପୋଲିସ ଏସ୍‌ଆଇ ଚକ୍ରଧର ସିଂ ବୁଧବାର ରାତିରେ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨୦୨୫ ମେ ୨୯ରେ ଅସ୍ତ୍ରଶସ୍ତ୍ର ଧରି ପବିତ୍ର ବିଶ୍ୱାଳ,କୃଷ୍ଣ ଚନ୍ଦ୍ର ପ୍ରଧାନ ଏବଂ ପ୍ରଭାତ ବିଶ୍ୱାଳ ବାଉଁଶଗାଡ଼ିଆ ଗାଁଛକରେ ରବୀନ୍ଦ୍ର ରାଉତଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପକାଇ ଚାଲିଯାଇଥିଲେ। ପରିବାର ଲୋକେ ରବୀନ୍ଦ୍ରଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ନେଇଥିଲେ। ଅନ୍ୟ ପକ୍ଷରେ ରବୀନ୍ଦ୍ରଙ୍କ ମା' ମଞ୍ଜୁ ରାଉତ ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୫/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅନ୍ୟ ଅଭିଯୁକ୍ତ ତଥା କୃଷ୍ଣ ଚନ୍ଦ୍ର ପ୍ରଧାନ ଏବଂ ପ୍ରଭାତ ବିଶ୍ୱାଳଙ୍କୁ ପୋଲିସ ପକ୍ଷରୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଜଣାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲିପୁନ୍



@ ଅର୍ଜୁନ


@ ଗୁଡୁ


@ ବିଶ୍ୱନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖଳିସାହି କ୍ରିକେଟ ଟୁର୍ନାମେଣ୍ଟ, ମେଣ୍ଢାଶାଳ ବିଜୟୀ



ବିଜୟୀ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଖଣ୍ଡପଡ଼ା,୮।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଖଳିସାହି ବଡପଡିଆରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଟି-୨୦ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ୨ ୟ ଲିଗ୍ ମ୍ୟାଚରେ ମେଣ୍ଢାଶାଳ କ୍ରିକେଟ କ୍ଲବ, କଟକ ନୂଆପାଟଣା କ୍ରିକେଟ କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ନୂଆପାଟଣା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲା। ଜବାବରେ ମେଣ୍ଢାଶାଳ ଟିମ୍ ୧୩.୨ ଓଭରରେ ୩ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରି ବିଜୟୀ ହୋଇଥିବା ଜଣାଯାଇଛି। ବିଜୟୀ ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୩୬ ବଲରୁ ୧୦ ଚୌକା ଓ ୬ ଛକା ସହାୟତାରେ ୧୦୦ ରନ ସଂଗ୍ରହ କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସୂର୍ଯ୍ୟକାନ୍ତ ସାହୁ,ସାମାଜିକକର୍ମୀ ପବିତ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଯୁବ ସଂଗଠକ ଶରତ ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବି ନାରାୟଣ ମିଶ୍ର ଓ ଦୀପକ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଖୋର୍ଦ୍ଧା-୧୧ ଟିମ୍ ଓ ନିହାର-୧୧ କଟକ ଟିମ୍ ମଧ୍ୟରେ ଶୁକ୍ରବାର ୩ୟ ଲିଗ୍ ମ୍ୟାଚ ଅନୁଷ୍ଠିତ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡିଛି।

# କଣ୍ଠଶିଳ୍ପୀ ଅସୀମାଙ୍କ ଗୀତରେ ଝୁମିଲେ ଦର୍ଶକ

## ଭାପୁର ଉତ୍କର୍ଷ ମହୋତ୍ସବ, ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ



ମତ୍ସ୍ୟ ଓ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଭାପୁର,୮।୧( ପ୍ରଭାତ ବରାଡ)

ଭାପୁର ବ୍ଲକ ସଦରମହକୁମାସ୍ଥିତ ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ପ୍ରଥମ ଭାପୁର ଉତ୍କର୍ଷ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ବାବା ବାଲୁଙ୍କେଶ୍ୱର ଦେବ ମନ୍ଦିର ପରିସରରୁ ଆୟୋଜକ ଏକ ମଶାଲ ଶୋଭାଯାତ୍ରାରେ ବାହାରି ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ଏହାପରେ ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶେଷ କରି ସ୍ଥାନୀୟ କଳାକାରମାନଙ୍କ ନାଚଗୀତର ମାହୋଲ ଦେଖିବାକୁ ମିଳିଥିଲା। ମହୋତ୍ସବ କମିଟି ସଭାପତି ତଥା ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାକୁ ଉଦ୍‌ଘାଟନ କରିଥିଲେ। ବୈଠକରେ ମୁଖ୍ୟବକ୍ତା ଭାବେ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ,ଭାପୁର ବିଡିଓ ଶାରଦା ପ୍ରସନ୍ନ ପଣ୍ଡା, ଭାପୁର ତହସିଲଦାର ଲୋପାମୁଦ୍ରା ରଥ, ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ୱଚ୍ଛସେବୀ ତଥା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ସଞ୍ଚାଳନ କରିଥିଲେ ଅମ୍ରି ଅଂଶୁମାନ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଓଡ଼ିଶାର ପ୍ରସିଦ୍ଧ ସୁନାମଧନ୍ୟ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସଙ୍ଗୀତର ତାଳେ ତାଳେ ଦର୍ଶକ ଝୁମିଥିଲେ। ଆଇନଶୃଙ୍ଖଳା ପାଇଁ ୩ ପ୍ଲାଟୁନ ପୋଲିସ ଫୋର୍ସ ମୃତୟନ ସହିତ, ଭାପୁର ଡ୍ରାଇଭର ମହାସଂଘର ସମସ୍ତ ଡ୍ରାଇଭର ଓ କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡାଙ୍କଠାରୁ ସୂଚନା ମିଳିଛି। ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସ୍ୱୟମ ପାଢୀ ଓ ତାଙ୍କ ସାଥି, ରାଜ୍ୟର ଅନେକ ବିଧାୟକ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ଥିବା ଆୟୋଜକ କମିଟି ସମ୍ପାଦକ ଗୟାଧର ପରିଡାଙ୍କଠାରୁ ସୂଚନା ମିଳିଛି।

